# ଅଧ୍ୟାୟ ୮

## ପାଠର ନାମ–ସୁବିଖ୍ୟାତ ବାରବାଟୀ ଦୁର୍ଗ

ଗଠନକ୍ରମ


୮.୦ ଉଦ୍ଦେଶ୍ୟ

୮.୧ ଉପକ୍ରମଣିକା

୮.୨ ମୂଳପାଠର ପ୍ରଥମାଂଶ

୮.୨.୧ ମୂଳପାଠଗତ ପ୍ରଶ୍ନ

୮.୨.୨ ବ୍ୟାକରଣଗତ ପ୍ରଶ୍ନ

୮.୩ ମୂଳପାଠର ଦ୍ୱିତୀୟାଂଶ

୮.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୮.୩.୨ ବ୍ୟାକରଣଗତ ପ୍ରଶ୍ନ

୮.୪ ମୂଳପାଠର ତୃତୀୟାଂଶ

୮.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୮.୪.୨ ବ୍ୟାକରଣଗତ ପ୍ରଶ୍ନ

୮.୪.୩ ସମ୍ପୂର୍ଣ୍ଣପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

୮.୫ ସାରାଂଶ

୮.୬ ଶବ୍ଦାର୍ଥ

୮.୭ ପଠନ ଅଭ୍ୟାସ

୮.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୮.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୮.୦ ଉଦ୍ଦେଶ୍ୟ

ଇତିହାସ ଜାତିର ଅତୀତ ସମ୍ପର୍କରେ ଏହାର ନାଗରିକମାନଙ୍କୁ ସ୍ମରଣ କରାଇଦିଏ । ଅତୀତ ଗୌରବ ବର୍ତ୍ତମାନର କାର୍ଯ୍ୟ-ନିର୍ଦ୍ଧାରଣ ପାଇଁ ପ୍ରେରଣା ଦିଏ । ତେଣୁ ଇତିହାସ ହେଉଛି ଜାତୀୟ ଜୀବନର ଏକ ଚିରସ୍ରାବୀ ନିର୍ଝର । କୌଣସି ଦେଶର ଏକ ଐତିହାସିକ ସ୍ଥାନ ତାହାର ନାଗରିକମାନଙ୍କ ଆଗରେ ଇତିହାସର ସାକ୍ଷୀ ସ୍ୱରୂପ ଦଣ୍ଡାୟମାନ ହୋଇଥାଏ । ସୁବିଖ୍ୟାତ ବାରବାଟୀ ଦୁର୍ଗ ଓଡିଶାର ସେହିପରି ଏକ ଇତିହାସ ପ୍ରସିଦ୍ଧ ସ୍ଥାନ ।

ଓଡିଶାର ପ୍ରାଚୀନ ରାଜଧାନୀ କଟକ ନଗରର ଯେଉଁ ସ୍ଥାନରେ ବାରବାଟୀ ଷ୍ଟାଡିୟମ ନିର୍ମିତ ହୋଇଛି, ତାହାର ପଶ୍ଚିମ ଦିଗରେ ଅଳ୍ପ ଦୂରରେ ବାରବାଟୀ ଦୁର୍ଗର ଭଗ୍ନାବଶେଷ ସ୍ୱରୂପ ଉଚ୍ଚ ମୃତ୍ତିକା ସ୍ତୂପ ମାତ୍ର ଦୃଷ୍ଟିଗୋଚର ହୁଏ । ଚାରି ପାଖରେ ରହିଛି ଅଗଭୀର ଜଳପରିଖା । କିନ୍ତୁ ଦିନ ଥିଲା ଯେତେବେଳେ ଏହି ଦୁର୍ଗ ଥିଲା ନବତଳ ବିଶିଷ୍ଟ ଏକ ସୁଉଚ୍ଚ, ସୁରକ୍ଷିତ, ସୁଦୃଢ଼ ଓ ସୁଦୃଶ୍ୟ ସୌଧ । ରାଜ୍ୟରକ୍ଷା, ରାଜ୍ୟଜୟ ଓ ରାଜଦ୍ୱାର ଏହା ଥିଲା କେନ୍ଦ୍ରସ୍ଥଳୀ । ଏଇଠି ସପରିବାର ଅବସ୍ଥାନ କରୁଥିଲେ ଓଡ଼ିଶାର ରାଜାମାନେ । ଏହାର ଚାରିପାଖରେ ରହିଥିଲା ସୁଗଭୀର ଜଳପରିଖା ।

ଏହି ଦୁର୍ଗର ଅତୀତ ସ୍ଥିତି ଓ ଭୂମିକା ସମ୍ପର୍କରେ ଏକ ସ୍ଥୂଳ ପରିଚୟ ଦେବା, ତାହା ମାଧ୍ୟମରେ ବର୍ତ୍ତମାନର ଜାତୀୟ ଜୀବନରେ ଉଦ୍‌ବୋଧନ ସୃଷ୍ଟି କରିବା ଓ ଏହି ପାଠର ରଚନାଶୈଳୀ ଆଲୋଚନା ମାଧ୍ୟମରେ ଭାଷା ଆହରଣ ଓ ପ୍ରୟୋଗ କୌଶଳ ସମ୍ପର୍କରେ ଶିକ୍ଷା ଦେବା ହେଉଛି ଏହି ପାଠର ଉଦ୍ଦେଶ୍ୟ ।

## ୮.୧ ଉପକ୍ରମଣିକା

'ସୁବିଖ୍ୟାତ ବାରବାଟୀ ଦୁର୍ଗ' ଶୀର୍ଷକ ପାଠଟି ବିଶିଷ୍ଟ ଓଡ଼ିଆ ପ୍ରାବନ୍ଧିକ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରଚିତ 'ବାରବାଟୀ ଦୁର୍ଗ' ଗ୍ରନ୍ଥରୁ ସଂଗୃହୀତ ଓ ସମ୍ପାଦିତ । ପଣ୍ଡିତ ମିଶ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ଜାତୀୟ ବନବିଦ୍ୟାଳୟର ଥିଲେ ଜଣେ ଆଦର୍ଶ ଶିକ୍ଷକ । କିଛିକାଳ ସେ ଏହାର ପ୍ରଧାନଶିକ୍ଷକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ସୁଯୋଗ୍ୟ ସହକର୍ମୀ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଦାଶ ଓ ଆଲୋଚ୍ୟ ପ୍ରାବନ୍ଧିକ ପଣ୍ଡିତ କୃପାସିନ୍ଧୁ ମିଶ୍ର । ଏମାନେ କେବଳ ଆଦର୍ଶ ଶିକ୍ଷକ ବା ଜାତୀୟ ସଂଗ୍ରାମର ଅଗ୍ରଣୀ ସୈନିକ ନଥିଲେ, ଥିଲେ ମଧ୍ୟ ସଫଳ ସାହିତ୍ୟିକ । ଗୋପବନ୍ଧୁଙ୍କ ନେତୃତ୍ୱରେ ଏହି ସାହିତ୍ୟିକମାନଙ୍କ ସହିତ ପଣ୍ଡିତ ବାସୁଦେବ ମହାପାତ୍ର, ପଣ୍ଡିତ ଗୋଦାବରୀଶ ମହାପାତ୍ର ପ୍ରଭୃତି ସାହିତ୍ୟିକମାନେ ଓଡ଼ିଆ ସାହିତ୍ୟରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ବଳିଷ୍ଠ ପଦକ୍ଷେପ ନେଇଥିଲେ, ତାହା ସୃଷ୍ଟି କରିଥିଲା ଏକ ନୂତନ ଯୁଗ, ଯାହା ସତ୍ୟବାଦୀ ଯୁଗ ଭାବରେ ଅଭିହିତ ।

ଜାତୀୟ ବୀର ନାଗରିକ ଗଠନ ପାଇଁ ଏହି ସାହିତ୍ୟିକମାନେ ଦୃଢ଼ସଙ୍କଳ୍ପବଦ୍ଧ ହୋଇ ସାହିତ୍ୟ ମାଧ୍ୟମରେ ଓଡ଼ିଶାର ଗୌରବମୟ ଅତୀତ ଇତିହାସ, ଓଡ଼ିଆମାନଙ୍କର ଶକ୍ତି, ସାହସ, ସର୍ଜନଶୀଳତା, ନିର୍ଭୀକତା ପ୍ରଭୃତି ସମ୍ପର୍କରେ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନୂତନ ଓଡ଼ିଶାର ଉଦ୍ଭବ ପାଇଁ ଉଦ୍‌ବୋଧନ ଦେଉଥିଲେ ।

ଏହି ଲକ୍ଷ୍ୟ ନେଇ ସତ୍ୟବାଦୀ ଯୁଗର ଅନ୍ୟତମ ସାହିତ୍ୟିକ ଓ ସମଗ୍ର ଓଡ଼ିଆ ପ୍ରବନ୍ଧ ଜଗତର ସ୍ମରଣୀୟ ଶୀର୍ଷସ୍ଥାନୀୟ ସ୍ରଷ୍ଟା ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଶା ଇତିହାସର ମୂକ ସାକ୍ଷୀ କୋଣାର୍କ ଓ ବାରବାଟୀ ଦୁର୍ଗ ସମ୍ବନ୍ଧରେ ଉଚ୍ଚକୋଟୀର ତଥ୍ୟ ସମ୍ବଳିତ ଉଦ୍‌ବୋଧନ-ମୂଳକ ଦୁଇଟି ସନ୍ଦର୍ଭ ରଚନା କରିଥିଲେ । 'ଉତ୍କଳ ଇତିହାସ' ମଧ୍ୟ ତାଙ୍କର ଓଡ଼ିଶାର ଇତିହାସ ସମ୍ପର୍କୀୟ ଏକ ଆଦର୍ଶ ଗ୍ରନ୍ଥ । 'ବାରବାଟୀ ଦୁର୍ଗ' ସନ୍ଦର୍ଭଟିରେ ଓଡ଼ିଶାର ସେ କାଳର ଇତିହାସ, ଓଡ଼ିଆମାନଙ୍କ ବୀରତ୍ୱ, ସମର କୌଶଳ, କାରିଗରୀ କୌଶଳ, ଓଡ଼ିଆ ରଜା ମହାରାଜାମାନଙ୍କର ଶାସନ ଦକ୍ଷତା, ଶାସନାଦର୍ଶ ପରିସ୍ଫୁଟ ହେବା ସଙ୍ଗେ ସଙ୍ଗେ ଅନ୍ୟପକ୍ଷରେ ପରାଧୀନ ଓଡ଼ିଶାର କରୁଣ ଅବସ୍ଥା ରୂପାୟିତ ହୋଇଛି ।

'ସୁବିଖ୍ୟାତ ବାରବାଟୀ ଦୁର୍ଗ' ପାଠଟି ଅଧ୍ୟୟନ କଲାବେଳେ ଆପଣମାନେ ଓଡ଼ିଶାର ଅତୀତ ଇତିହାସ ସମ୍ପର୍କରେ ଅବହିତ ହେବା ସଙ୍ଗେ ସଙ୍ଗେ ପାଠର ଶବ୍ଦ ଯୋଜନା, ଶବ୍ଦାର୍ଥ, ବାକ୍ୟ ଗଠନ ଓ ରଚନାଶୈଳୀ ପ୍ରତି ଧ୍ୟାନ ଦିଅନ୍ତୁ । ଏହା ଆପଣମାନଙ୍କର ଭାଷା ଆହରଣ ଓ ପ୍ରୟୋଗ କୌଶଳ ଦିଗରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଏ ।

## ୮.୨ ମୂଳପାଠର ପ୍ରଥମାଂଶ

### ସୁବିଖ୍ୟାତ ବାରବାଟୀ ଦୁର୍ଗ

ଉତ୍କଳ ଇତିହାସରେ ବାରବାଟୀ ଏକ ପ୍ରଧାନ କୀର୍ତ୍ତି ଏବଂ ଏହାର ଅବଦାନ ଅତୁଳନୀୟ । ଓଡ଼ିଶାର ନଗରମାନଙ୍କ ମଧ୍ୟରେ କଟକ ଅପେକ୍ଷାକୃତ ନୂତନ । ଯାଜପୁର, ପୁରୀ ଓ ଭୁବନେଶ୍ୱର କ୍ରମାନ୍ୱୟରେ କେଶରୀ ବଂଶର ପ୍ରଥମ ନୃପତିମାନଙ୍କର ରାଜଧାନୀ ଥିଲା । ଏହି ବଂଶୀୟ ଆଦିମ ନରପତିମାନଙ୍କ ସମୟରେ ଦେଶ ଭିତରେ ବା ବାହାରେ ଯୁଦ୍ଧର ବିଶେଷ ଆଶଙ୍କା ନଥିଲା । ସେମାନେ ପରମ ଶାନ୍ତିରେ ରାଜପଣ କରୁଥିଲେ ଓ ଯାଗ ଯଜ୍ଞ, ମନ୍ଦିର ନିର୍ମାଣ ପ୍ରଭୃତି ଧର୍ମ କାର୍ଯ୍ୟରେ ଆପଣାକୁ ନିୟୋଜିତ କରୁଥିଲେ । ପୃଥିବୀର ପ୍ରତ୍ୟେକ ଦେଶର ଇତିହାସରୁ ଜଣାଯାଏ ଯେ ଶିଳ୍ପକଳାଦିର ବିକାଶ ଘଟେ ଶାନ୍ତିପୂର୍ଣ୍ଣ କାଳରେ । ତେଣୁ ବହିଃଶତ୍ରୁ ଆକ୍ରମଣ ଭୟ ନଥିବାରୁ ରାଜାମାନେ ଧର୍ମ କାର୍ଯ୍ୟରେ ମନୋନିବେଶ କରୁଥିଲେ । ଚିର ବସନ୍ତ ଲୀଳାୟିତ, ଅନନ୍ତସାଗର ବିଧୌତ ପବିତ୍ର ନୀଳାଚଳଧାମ ଏବଂ ପୁରାଣ ପ୍ରସିଦ୍ଧ ଏକାମ୍ରକାନନ କେଶରୀ ବଂଶର ଆଦିମ ନରପତିମାନଙ୍କର ରାଜଧାନୀ ହେବା ସମ୍ଭବ । ସେମାନଙ୍କ ସମୟରେ ସୁରକ୍ଷିତ ସ୍ଥାନରେ ସୁଦୃଢ଼ ଦୁର୍ଗଆଦି ନିର୍ମାଣର ସେପରି ଆବଶ୍ୟକତା ନଥିଲା । କିନ୍ତୁ ଉକ୍ତ ବଂଶର ପଶ୍ଚିମ କାଳକୁ କ୍ରମେ ବହିଃଶତ୍ରୁ ଆକ୍ରମଣର ଆଶଙ୍କା ବୃଦ୍ଧି ପାଇଲା । ଏତିକିବେଳେ ଗଙ୍ଗବଂଶର ନରପତିମାନେ ଦାକ୍ଷିଣାତ୍ୟରୁ ଓଡ଼ିଶା ଆକ୍ରମଣ କରିବା ପାଇଁ ଉଦ୍ୟମ

ଚଳାଇଲେ । ଫଳରେ ସୁରକ୍ଷିତ ସ୍ଥାନ ନିର୍ବାଚନ କରି ସୁଦୃଢ଼ ଦୁର୍ଗନିର୍ମାଣ ଓ ରାଜଧାନୀ ସ୍ଥାପନର ପ୍ରୟୋଜନ ହେଲା । ଉକ୍ତ ବଂଶର ନୃପକେଶରୀ ସ୍ୱୀୟ ରାଜତ୍ୱ କାଳରେ ଦଶମ ଶତାବ୍ଦୀରେ କଟକ ନଗର ସ୍ଥାପନ କଲେ ଏବଂ ବିଡାନାସୀଠାରେ ଗୋଟିଏ ସୁଦୃଢ଼ ଦୁର୍ଗ ନିର୍ମାଣ କଲେ, ବର୍ତ୍ତମାନର ବିଡ଼ାନାସୀ ପୂର୍ବେ ବାରଣସୀ ନାମରେ ଅଭିହିତ ଥିଲା ।

ବର୍ତ୍ତମାନ କଟକ ନଗରଠାରୁ ବିଡ଼ାନାସୀ ପୃଥକ ହୋଇଥିଲେ ହେଁ, ପୂର୍ବେ 'କଟକ ସ୍ୱତନ୍ତ୍ର ନଗର ନଥିଲା । କଟକ ଓ ବିଡାନାସୀ ଉଭୟେ ପୂର୍ବେ 'କଟକ ବାରଣସୀ' ନାମରେ ଅଭିହିତ ଥିଲା । ଦଶମ ଶତାବ୍ଦୀରେ ନଗର ଆକାର ଧାରଣ କରି କଟକ ଓଡିଶାର ରାଜଧାନୀରେ ପରିଣତ ହେଲା । ବାରବାଟୀ ଦୁର୍ଗ ନିଶ୍ଚିତ ଭାବେ ଏହାପରେ ବା କେଶରୀ ବଂଶର ରାଜତ୍ୱର ପରକାଳରେ ନିର୍ମିତ ହୋଇଥିଲା । ଭିନ୍ନସୂତ୍ରରୁ ଜଣାଯାଏ ଯେ ଶ୍ରୀ ଚୈତନ୍ୟ କଟକରେ ପ୍ରବେଶ କରି ତଦାନୀନ୍ତନ ରାଜା ପ୍ରତାପରୁଦ୍ରଦେବଙ୍କ ସଙ୍ଗେ ବାରବାଟୀ ଦୁର୍ଗରେ ସାକ୍ଷାତ କରିଥିଲେ । ତାଙ୍କ ପୂର୍ବବର୍ତ୍ତୀ ରାଜା ପୁରୁଷୋ-ତ୍ତମ ଦେବ ମଧ୍ୟ ବାରବାଟୀ ଦୁର୍ଗରେ ବାସ କରୁଥିଲେ । ରାଜା ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରି ସେଠାରୁ ସାକ୍ଷୀଗୋପାଳଙ୍କୁ ଆଣି ବାରବାଟୀ ଦୁର୍ଗ ମଧ୍ୟରେ ରଖିଥିଲେ । ବାରବାଟୀ ଦୁର୍ଗ ପୁରୁଷୋ-ତ୍ତମ ଦେବଙ୍କର ରାଜଧାନୀ ଥିଲା ଓ କାଞ୍ଚି ଯୁଦ୍ଧ ନିମିତ୍ତ ବାରବାଟୀରୁ ସୈନ୍ୟ ପଠାଯାଇଥିଲା ।

ଗଙ୍ଗବଂଶର ପଞ୍ଚମ ନରପତି ଅନଙ୍ଗଭୀମ ଦେବ ବାରବାଟୀ ଦୁର୍ଗ ନିର୍ମାଣ କରାଇଥିଲେ । ଅନଙ୍ଗଭୀମ ଦେବ ତାଙ୍କ ରାଜତ୍ୱର ପ୍ରଥମାର୍ଦ୍ଧରେ ଯାଜପୁରରେ ବାସ କରୁଥିଲେ । ସେ ଉତ୍ତର ଦିଗରୁ କ୍ରମେ ଆଫଗାନ୍ ଆକ୍ରମଣର ଆଶଙ୍କା ଦେଖି ଗୋଟିଏ ସୁରକ୍ଷିତ ସ୍ଥାନରେ ସୁଦୃଢ଼ ଦୁର୍ଗ ନିର୍ମାଣର ଆବଶ୍ୟକତା ଅନୁଭବ କଲେ ଏବଂ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ବାରବାଟୀ ଦୁର୍ଗ ନିର୍ମାଣ କରାଇଥିଲେ । ଯାଜପୁରରୁ ସେ ବାରବାଟୀକୁ ତାଙ୍କର ରାଜଧାନୀ ଉଠାଇ ଆଣିଥିଲେ । ସେ ନିଜେ ଜଣେ ପରାକ୍ରମୀ ଯୋଦ୍ଧା ଥିଲେ ଏବଂ ବହୁ ଦେଶ ଜୟକରି ନିଜ ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ ।

### ୮.୨.୧ ମୂଳପାଠଗତ ପ୍ରଶ୍ନ

୧. ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ କରନ୍ତୁ ।

(କ) କେଶରୀ ବଂଶର ପ୍ରଥମ ରାଜାମାନେ ଓଡ଼ିଶାର କେଉଁ କେଉଁ ସ୍ଥାନରେ ରାଜଧାନୀ ପ୍ରତିଷ୍ଠା କରିଥିଲେ ?

(ଖ) ଆଦି କେଶରୀ ବଂଶୀୟ ରାଜାମାନେ କେଉଁ ମହତ କର୍ମରେ ନିଜ ନିଜକୁ ନିୟୋ-ଜିତ କରିଥିଲେ ?

(ଗ) ପ୍ରଥମ ପର୍ଯ୍ୟାୟରେ କେଶରୀ ବଂଶର ରାଜାମାନେ କାହିଁକି ସୁଦୃଢ଼ ଦୁର୍ଗ ନିର୍ମାଣ ପାଇଁ ମନ ବଳାଇ ନଥିଲେ ?

(ଘ) କେଉଁ ସମୟରେ କଟକ ନଗର ସ୍ଥାପିତ ହୋଇଥିଲା ?

(ଙ) କେଉଁ ରାଜା ବିଡ଼ାନାସୀଠାରେ ଦୁର୍ଗ ନିର୍ମାଣ କରାଇଥିଲେ ?

(ଚ) କେଉଁ ଅଞ୍ଚଳ ପୂର୍ବେ 'କଟକ ବାରଣସୀ' ନାମରେ ଅଭିହିତ ଥିଲା ?

(ଛ) ରାଜା ପୁରୁଷୋତ୍ତମ ଦେବ କେଉଁଠାରେ ରାଜଧାନୀ ସ୍ଥାପନ କରିଥିଲେ ?

(ଜ) କିଏ ବାରବାଟୀ ଦୁର୍ଗ ନିର୍ମାଣ କରାଇଥିଲେ ?

୨. ପାଠ ମଧ୍ୟରୁ ଉପଯୁକ୍ତ ଶବ୍ଦାବଳୀ ବାଛି ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡିକର ଶୂନ୍ୟ-ସ୍ଥାନ ପୂରଣ କରନ୍ତୁ ।

(କ) ରାଜା — ନିଜ ରାଜତ୍ୱ କାଳରେ କଟକ ନଗର ସ୍ଥାପନ କରିଥିଲେ ।

(ଖ) ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶର ଇତିହାସରୁ ଜଣାଯାଏ ଯେ ଶିଳ୍ପକଳାଦିର ବିକାଶ ଘଟେ — କାଳରେ ।

(ଗ) କେଶରୀ ବଂଶର ଶେଷ ରାଜାମାନଙ୍କ ସମୟରେ — ବଂଶର ନରପତିମାନେ — ରୁ ଓଡିଶା ଆକ୍ରମଣ କରିବା ପାଇଁ ଉଦ୍ୟମ ଚଳାଇଲେ ।

(ଘ) — ଶତାବ୍ଦୀରେ କଟକ ଓଡ଼ିଶାର ରାଜଧାନୀରେ ପରିଣତ ହେଲା ।

(ଙ) — ଗଙ୍ଗ ବଂଶର ପଞ୍ଚମ ନରପତି ଥିଲେ ।

(ଚ) — ଓ — କୁ ମିଶାଇ ପୂର୍ବେ କୁହାଯାଉଥିଲା "କଟକ ବାରଣସୀ ।"

(ଛ) ରାଜତ୍ୱର ପ୍ରଥମାର୍ଦ୍ଧରେ ଅନଙ୍ଗଭୀମଦେବ — ଠାରେ ବାସ କରୁଥିଲେ ।

### ୮.୨.୨ ବ୍ୟାକରଣଗତ ପ୍ରଶ୍ନ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ ।
ଶିଳ୍ପକଳାଦି, ମନୋନିବେଶ, ନୀଳାଚଳ, ପ୍ରଥମାର୍ଦ୍ଧ ।

୨. ନିମ୍ନରେ ପ୍ରଦତ୍ତ ପଦମାନଙ୍କ ମଧ୍ୟରୁ ବିଶେଷ୍ୟ ଓ ବିଶେଷଣ ପଦ ଚିହ୍ନାଇ ଦିଅନ୍ତୁ ।
ପ୍ରଧାନ, କୀର୍ତ୍ତି, ଅତୁଳନୀୟ, ଅନନ୍ତ, ସାଗର, ପବିତ୍ର, ସୁଦୃଢ଼, ଦୁର୍ଗ, ଆଦିମ, କଟକ ।

୩. ନିମ୍ନଲିଖିତ ପଦଗୁଡ଼ିକର ବିପରୀତାର୍ଥବୋଧକ ପଦମାନ ଲେଖନ୍ତୁ ।
କୀର୍ତ୍ତି, ନୂତନ, ଧର୍ମ, ଶାନ୍ତି, ଆପଣା, ନିଶ୍ଚିତ, ପୂର୍ବବର୍ତ୍ତୀ ।

୪. ପଠିତାଂଶରୁ ପାଞ୍ଚଗୋଟି ଅବ୍ୟୟ ପଦ ଚିହ୍ନାଇ ଦିଅନ୍ତୁ ।

୫. ନିମ୍ନ ପଦଗୁଡ଼ିକର ବ୍ୟାସବାକ୍ୟ ଲେଖି ସମାସ ନିର୍ଣ୍ଣୟ କରନ୍ତୁ ।
ଉତ୍କଳ ଇତିହାସ, ଚିର ବସନ୍ତ, ପୁରାଣ ପ୍ରସିଦ୍ଧ, ଯାଗଯଜ୍ଞ, ଶିଳ୍ପକଳା, ବାରବାଟୀ ଦୁର୍ଗ

୬. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସଂଶୋଧନ କରି ଠିକ୍ ଠିକ୍ ଶବ୍ଦ ଲେଖନ୍ତୁ ।
ଉକ୍ତଳ, ଆକର୍ମଣ, ନିର୍ବାଚନ, ଶୁରକ୍ଷିତ, ରାଜଧାନି, ଭୁବନେଶ୍ୱର, କ୍ରମାନ୍ୱୟ ।

## ୮.୩ ମୂଳପାଠର ଦ୍ୱିତୀୟାଂଶ

କଟକରେ ପ୍ରତିଷ୍ଠିତ ବାରବାଟୀ ଦୁର୍ଗ ଉତ୍କଳ ଇତିହାସର ପ୍ରଧାନ ରଙ୍ଗସ୍ଥଳୀ ଥିଲା । ଉତ୍କଳର ବହୁ ନରପତି ଏହାରି କୋଳରେ ଆଶ୍ରୟ ନେଇ ଲାଳିତ ପାଳିତ ହୋଇଛନ୍ତି । ସେହିପରି କେତେ ବିରାଟ ଘଟଣା ଏହାରି ପାର୍ଶ୍ୱରେ ସଂଘଟିତ ହୋଇ ଭାରତ ଇତିହାସରେ ଓଡ଼ିଆ ଜାତିର ଟେକ ରଖିଅଛି । ଉତ୍କଳର ଭାଗ୍ୟଶ୍ରୀ ଏହି ବାରବାଟୀ ଦୁର୍ଗ ଉପରେ ବହୁକାଳ ପର୍ଯ୍ୟନ୍ତ ନିର୍ଭର କରିଥିଲା । ବିଡ଼ାନାସୀ, ଚୌଦ୍ୱାର ଓ ସାରଙ୍ଗଗଡ଼ ବ୍ୟତୀତ ଚତୁର୍ଦ୍ଦିଗରେ ସୁଗଭୀର ଓ ସୁପ୍ରଶସ୍ତ ନଦୀ ଦ୍ୱାରା ବେଷ୍ଟିତ ହୋଇ ବାରବାଟୀ ଦୁର୍ଗ ଉତ୍କଳ ଉପରେ ବହିଃ ଶତ୍ରୁ ଆକ୍ରମଣକୁ ଦୀର୍ଘଦିନ ପାଇଁ ପ୍ରତିରୋଧ କରିପାରିଥିଲା । ଏହି ବାରବାଟୀ ଓଡ଼ିଆ ସେନାନୀଙ୍କର ଲକ୍ଷ୍ୟସ୍ଥଳ ଏବଂ ଉତ୍କଳ ଆକାଶର ଧ୍ରୁବତାରା ଥିଲା । ଚତୁର୍ଦ୍ଦିଗରେ ଓଡ଼ିଶା ଭୀଷଣ ସମର ସାଗରରେ ଭାସୁଥିବା ବେଳେ ତାହାର ବୀରବୃନ୍ଦ ଏହି ବାରବାଟୀକୁ ମାନସ ଚକ୍ଷୁରେ ଅବଲୋକନ କରି ନିଜ ନିଜର ଗତିବିଧି ନିର୍ଣ୍ଣୟ କରୁଥିଲେ । ବାରବାଟୀ ଉତ୍କଳ ନରପତିମାନଙ୍କର ଅମୂଲ୍ୟ ସମ୍ପଦ ଓ ପରମ ଶାନ୍ତିସ୍ଥଳ, ସର୍ପର ମଣି ଏବଂ ସ୍ୱର୍ଗର ପାରିଜାତ ସଦୃଶ ଥିଲା । ପ୍ରାୟ ଛ'ଶହ ବର୍ଷରୁ ଅଧିକ କାଳ ପର୍ଯ୍ୟନ୍ତ ବାରବାଟୀ ଉତ୍କଳର ସମ୍ରାଟ ଓ ଶାସନକର୍ତ୍ତାମାନଙ୍କର ଆଶ୍ରୟସ୍ଥଳ ଥିଲା । ବାରବାଟୀ ହିଁ ଥିଲା ଉତ୍କଳ ଏବଂ ସେହି ବାରବାଟୀ ଦୁର୍ଗର ଇତିହାସ ହିଁ ଉତ୍କଳର ଇତିହାସ । ଦ୍ୱାଦଶ ଶତାବ୍ଦୀରେ ରାଜା ଅନଙ୍ଗଭୀମଦେବଙ୍କ ଦ୍ୱାରା ନିର୍ମିତ ହେବାଠାରୁ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜ ଅଧିକାର ପର୍ଯ୍ୟନ୍ତ ବାରବାଟୀ ଦୁର୍ଗ ଓଡ଼ିଶାର ରାଜଧାନୀ ଥିଲା । ରାଜା ତୃତୀୟ ନରସିଂହଦେବ ବା ଲାଙ୍ଗୁଳା ନରସିଂହଦେବଙ୍କ ରାଜତ୍ୱ କାଳରେ ନିଜେ ରାଜା ସୈନ୍ୟସାମନ୍ତ ସହ ବାରବାଟୀ ଦୁର୍ଗରୁ ଦକ୍ଷିଣକୁ ଯାତ୍ରାକରି କେତେକ ରାଜ୍ୟ ଜୟ କରିଥିଲେ । ତତ୍ପରେ କପିଳେନ୍ଦ୍ରଦେବଙ୍କ ସମୟରେ ମଧ୍ୟ ରାଜଧାନୀ ଥିଲା ବାରବାଟୀ ।

କାଞ୍ଚି ଜୟ ପାଇଁ ରାଜା ପୁରୁଷୋତ୍ତମ ଦେବ ବାରବାଟୀ ଦୁର୍ଗରୁ ସୈନ୍ୟ ସହ ଯାତ୍ରା କରିଥିଲେ । କାଞ୍ଚି ଜୟ କରି ସେ କାଞ୍ଚିଜେମା ପଦ୍ମାବତୀଙ୍କ ସହ କାଞ୍ଚିର ସାକ୍ଷୀଗୋପାଳ ଓ ଗଣେଶ ମୂର୍ତ୍ତି ଦ୍ୱୟ ଘେନି ଆସିଥିଲେ । ଗଣେଶ ମୂର୍ତ୍ତି ସେ ସ୍ଥାପନ କରିଥିଲେ ପୁରୀର ଜଗନ୍ନାଥଙ୍କ ପଶ୍ଚାତ୍ ଭାଗରେ, ମାତ୍ର ସାକ୍ଷୀଗୋପାଳଙ୍କୁ ସ୍ଥାପନ କରିଥିଲେ ବାରବାଟୀ ଦୁର୍ଗ ମଧ୍ୟରେ । ବର୍ତ୍ତମାନ ସତ୍ୟବାଦୀଠାରେ ଅଧିଷ୍ଠିତ ସାକ୍ଷୀଗୋପାଳ ପ୍ରବଳ ପ୍ରତାପୀ ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ ସମୟରେ ବାରବାଟୀଠାରେ ପ୍ରତିଷ୍ଠିତ ଥିଲେ । ସୁତରାଂ ପ୍ରତାପରୁଦ୍ରଦେବଙ୍କ ସମୟରେ ତାଙ୍କର ରାଜଧାନୀ ଥିଲା ବାରବାଟୀ ।

ଓଡ଼ିଶାର ଶେଷ ହିନ୍ଦୁ ରାଜା ଥିଲେ ମୁକୁନ୍ଦଦେବ । ସେ ନିଜର ରାଜତ୍ୱ କାଳରେ ବାରବାଟୀ ଦୁର୍ଗର ଅଶେଷ ଉନ୍ନତି ସାଧନ କରିଥିଲେ । ଦୁର୍ଗ ମଧ୍ୟରେ ସେ ଗୋଟିଏ ପ୍ରକାଣ୍ଡ ନବତଳ ପ୍ରାସାଦ ନିର୍ମାଣ କରାଇ ତନ୍ମଧ୍ୟରେ ବାସ କରୁଥିଲେ । ଓଡ଼ିଶା ଯେତେବେଳେ ମୁସଲମାନମାନଙ୍କ ଅଧିକାର ଭୁକ୍ତ ହେଲା ସେତେବେଳେ ମୁକୁନ୍ଦଦେବଙ୍କ ସୁରମ୍ୟ ନବତଳ ପ୍ରାସାଦ ସେମାନଙ୍କ ବିଳାସ ଭବନରେ ପରିଣତ ହେଲା । ଏହାର କିଛିକାଳ ପରେ ଖୋରଧାର ରାଜା ରାମଚନ୍ଦ୍ରଦେବ ଓଡ଼ିଶାର ତତ୍କାଳୀନ ମୋଗଲ ଶାସକଙ୍କ ବିଦ୍ରୋହାଚରଣ କରି ପରାସ୍ତ ହେବା ଫଳରେ ବାରବାଟୀ ଦୁର୍ଗ ମଧ୍ୟରେ ବନ୍ଦୀ

ହେଲେ ଏବଂ ଯେଉଁ ନବତଳ ପ୍ରାସାଦରେ ସେ ତୂଳିତଳ୍ପ ଶଯ୍ୟାରେ ମହାନନ୍ଦରେ ଶୟନ କରିଥାନ୍ତେ, ସେହି ସୁରମ୍ୟ ଅଟ୍ଟାଳିକା ତାଙ୍କ ପାଇଁ ହେଲା ହିଂସ୍ର ସଙ୍କୁଳ ଅରଣ୍ୟ ପ୍ରାୟ । ପରବର୍ତ୍ତୀ କାଳରେ ବାରବାଟୀ ଦୁର୍ଗ ମରହଟ୍ଟାମାନଙ୍କର ହସ୍ତଗତ ହେଲା ଓ ସେମାନେ ବାରବାଟୀକୁ ତାଙ୍କର ରାଜଧାନୀ କଲେ । ୧୮୦୩ ଖ୍ରୀଷ୍ଟାବ୍ଦରେ ଲାଲବାଗ୍ ବାଟ ଦେଇ ଆକ୍ରମଣ କରି ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କଲେ । ଏହିପରି ଭାବରେ ବାରବାଟୀ ଦୁର୍ଗ ଓଡିଆ ଇତିହାସରେ ପ୍ରାୟ ଛ'ଶହରୁ ଅଧିକ ବର୍ଷଧରି ଶୀର୍ଷସ୍ଥାନ ଅଧିକାର କରିଥିଲା । କେତେ ରାଜା, କେତେ ସେନା, ସେନାପତି ବାରବାଟୀଠାରେ ନିଜ ନିଜର ବୀରତ୍ୱ ପ୍ରଦର୍ଶନ କରି ଇହଲୀଳା ସାଙ୍ଗ କଲେ, କିନ୍ତୁ କବି ରାଧାନାଥଙ୍କ ଭାଷାରେ ବାରବାଟୀ କେବଳ କାଳେକାଳେ ନଶ୍ୱର ନରର ଗାରିମାର ଲୀଳା ଦେଖିବାରେ ଲାଗିଥିଲା ।

ବାରବାଟୀ ଦୁର୍ଗ ମଧ୍ୟରେ ମୁକୁନ୍ଦଦେବଙ୍କ ଦ୍ୱାରା ନିର୍ମିତ ଗୋଟିଏ ନବତଳ ପ୍ରାସାଦ ଥିଲା । ଏହାର ପ୍ରଥମତଳ ହସ୍ତୀ, ଓଟ, ଘୋଟକ ପ୍ରଭୃତି ପାଳିତ ପଶୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଦ୍ୱିତୀୟତଳରେ ଯୁଦ୍ଧୋପକରଣମାନ ସଜ୍ଜିତ ଥିଲା । ଏହାଥିଲା ଦୁର୍ଗ ରକ୍ଷକ ଓ ଅନ୍ୟାନ୍ୟ ପ୍ରହରୀମାନଙ୍କର ବାସସ୍ଥାନ । ତୃତୀୟତଳରେ ଆଜ୍ଞାବାହକମାନେ ରହୁଥିଲେ । ଚତୁର୍ଥତଳ ନାନା ପ୍ରକାର କୁଶଳୀ ଶିଳ୍ପୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିଲା । ପଞ୍ଚମତଳରେ ଥିଲା ରନ୍ଧନଶାଳା । ଭଦ୍ରବ୍ୟକ୍ତି ଓ ଆଗନ୍ତୁକମାନଙ୍କ ସଙ୍ଗେ ଦେଖା ସାକ୍ଷାତ, କଥୋପକଥନ ଓ ରାଜଦରବାର ପ୍ରଭୃତି ପାଇଁ ଷଷ୍ଠତଳ ବ୍ୟବହୃତ ହେଉଥିଲା । ସପ୍ତମତଳରେ ରାଜାଙ୍କ ପାରିବାରିକ ଓ ଗୋପନୀୟ କାର୍ଯ୍ୟ ସାଧିତ ହେଉଥିଲା । ଅନ୍ତଃପୁରର ମହିଳାମାନେ ଅଷ୍ଟମତଳରେ ବାସ କରୁଥିଲେ ଏବଂ ନବମତଳ ଥିଲା ରାଜାଙ୍କ ଶୟନାଗାର ।

### ୮.୩.୧ ମୂଳପାଠଗତ ପ୍ରଶ୍ନ

୧. ନିମ୍ନ ବାକ୍ୟଗୁଡିକରେ ଥିବା ତ୍ରୁଟି ସଂଶୋଧନ କରନ୍ତୁ ।

(କ) ଅନଙ୍ଗଭୀମଦେବ କାଞ୍ଚି ଜୟକରି କାଞ୍ଚିଜେମା ପଦ୍ମାବତୀଙ୍କ ସହ କାଞ୍ଚିର ସାକ୍ଷୀଗୋପାଳ ଓ ଗଣେଶ ମୂର୍ତ୍ତିଦ୍ୱୟ ଘେନି ଆସିଥିଲେ ।

(ଖ) ପ୍ରତାପରୁଦ୍ରଦେବଙ୍କ ସମୟରେ ତାଙ୍କର ରାଜଧାନୀ ଥିଲା ଭୁବନେଶ୍ୱର ।

(ଗ) ଅନଙ୍ଗଭୀମଦେବ ବାରବାଟୀ ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କରାଇଥିଲେ ।

(ଘ) ରାଜା ନିଜେ ନବତଳ ପ୍ରାସାଦର ଅଷ୍ଟମତଳରେ ଶୟନ କରୁଥିଲେ ।

(ଙ) ଖୋରଧାର ରାଜା କପିଳେନ୍ଦ୍ରଦେବ ବାରବାଟୀ ଦୁର୍ଗ ମଧ୍ୟରେ ବନ୍ଦୀ ହୋଇଥିଲେ ।

୨. ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡିକର ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(କ) — ଓଡିଶାର ଶେଷ ହିନ୍ଦୁରାଜା ଥିଲେ ।

(ଖ) ଅନ୍ତଃପୁରର ରମଣୀମାନେ — ରେ ବାସ କରୁଥିଲେ ।

(ଗ) — ମାନେ — ଖ୍ରୀଷ୍ଟାବ୍ଦରେ ବାରବାଟୀ ଦୁର୍ଗ ଅଧିକାର କରିଥିଲେ ।

(ଘ) — କାଞ୍ଚି ଜୟକରି ରାଜଜେମା ପଦ୍ମାବତୀଙ୍କୁ ସାଙ୍ଗରେ ଘେନି ଆସିଥିଲେ ।

(ଙ) ପ୍ରାସାଦର ଦ୍ୱିତୀୟତଳରେ — ମାନ ସଜ୍ଜିତ ରହିଥିଲା ।

୩. ନିମ୍ନରେ ଦୁଇଟି ସ୍ତମ୍ଭରେ କେତେଗୁଡିଏ ଶବ୍ଦ ଲେଖାଯାଇଛି । ପଠିତାଂଶର ସହାୟତାରେ ସେଗୁଡିକ ମଧ୍ୟରୁ ପରସ୍ପର ସମ୍ପୃକ୍ତ ଶବ୍ଦଯୋଡି ବାଛନ୍ତୁ ।

| | |
|---|---|
| କାଞ୍ଚି | ପଞ୍ଚମତଳ |
| ଲାଲ୍‌ବାଗ | ଲାଙ୍ଗୁଳା ନରସିଂହ |
| ରାମଚନ୍ଦ୍ର | ସାକ୍ଷୀଗୋପାଳ |
| ରନ୍ଧନଶାଳା | ଇଂରେଜ |
| ତୃତୀୟ ନରସିଂହ | ଖୋରଧା |

୪. ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

(କ) କେଉଁ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରିଥିଲେ ?

(ଖ) ପ୍ରତାପରୁଦ୍ରଦେବଙ୍କ ରାଜଧାନୀ କେଉଁଠାରେ ଥିଲା ?

(ଗ) କେଉଁ ରାଜା ବାରବାଟୀ ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କରିଥିଲେ ?

(ଘ) ରାମଚନ୍ଦ୍ରଦେବ କାହାଦ୍ୱାରା ବନ୍ଦୀ ହୋଇଥିଲେ ?

(ଙ) ନବତଳ ପ୍ରାସାଦର କେଉଁ ତଳ ବା ମହଲାରେ ଶିଳ୍ପୀମାନେ ରହୁଥିଲେ ?

୫. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ଦର୍ଶାନ୍ତୁ ।

ପ୍ରାସାଦ, ପ୍ରସାଦ; ତଳ, ତାଳ; ଟେକ, ଟେକା; ପ୍ରଶସ୍ତ, ପ୍ରଶସ୍ତି; ଭବନ, ଭୁବନ ।

### ୮.୩.୨ ବ୍ୟାକରଣଗତ ପ୍ରଶ୍ନ

୧. ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ ।

ଶୟନାଗାର, ପୁରୁଷୋତ୍ତମ, ଯୁଦ୍ଧୋପକରଣ, କଥୋପକଥନ, ମହାନନ୍ଦ, ବିଦ୍ରୋହାଚରଣ, ଖ୍ରୀଷ୍ଟାବ୍ଦ ।

୨. ନିମ୍ନ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ ।

ପ୍ରଶସ୍ତ, ସ୍ୱର୍ଗ, ଜୟ, ଉନ୍ନତି, ନଶ୍ୱର, ଆନନ୍ଦ, ବିରାଟ ।

୩. ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକ ମଧ୍ୟରୁ ବିଶେଷ୍ୟକୁ ବିଶେଷଣରେ ଏବଂ ବିଶେଷଣକୁ ବିଶେଷ୍ୟରେ ପରିଣତ କରନ୍ତୁ ।

ପ୍ରଧାନ, ସମର, ସର୍ପ, ଭୀଷଣ, ପ୍ରତାପୀ, ଉନ୍ନତି, ବୀରତ୍ୱ, ପଶୁ, ପାରିବାରିକ, ସ୍ୱର୍ଗ ।

୪. ସଂକ୍ଷେପରେ ଏକପଦରେ ପ୍ରତ୍ୟେକଟି ପ୍ରକାଶ କରନ୍ତୁ ।

ଦୁର୍ଗକୁ ରକ୍ଷାକରେ ଯେ, ଆଜ୍ଞା ବା ଆଦେଶ ବହନ କରେ ଯେ, ପରିବାର ସମ୍ପର୍କୀୟ, ଅନ୍ତଃପୁରରେ ବାସ କରେ ଯେ, ଜୟ କରେ ଯେ, ଇନ୍ଦ୍ରଧାମର ଲୀଳା, ଯାତ୍ରା କରେ ଯେ, ଶହେ ବର୍ଷ ବ୍ୟାପି ସମୟ ।

୫. ନିମ୍ନ ଶବ୍ଦଗୁଡ଼ିକର ଏକାଧିକ ଅର୍ଥ ପ୍ରଦାନ କରନ୍ତୁ ।

ରଙ୍ଗ, କାଳ, ଯାତ୍ରା, ସାଙ୍ଗ, ନବ, ତଳ, ବାସ ।

୬. ପଠିତାଂଶରେ ବ୍ୟବହୃତ ଶୟନାଗାର ଶବ୍ଦଟି ଶୟନ+ଆଗାର ଶବ୍ଦ ଦୁଇଟି ମିଶି ଗଠିତ ହୋଇଅଛି । ସେହିପରି 'ଆଗାର' ଯୁକ୍ତ ହୋଇ ଗଠିତ ହୋଇଥିବା ୪ଟି ଶବ୍ଦ ନିଜ ମନରୁ ଲେଖନ୍ତୁ ।

୭. ପଠିତାଂଶରେ ସୁଗଭୀର, ସୁପ୍ରଶସ୍ତ ଓ ସୁରମ୍ୟ ପ୍ରଭୃତି ଶବ୍ଦ 'ସୁ' ଉପସର୍ଗକୁ ନେଇ ଗଠିତ ହୋଇଅଛି ଆପଣମାନେ ସେହିପରି 'ସୁ' ଉପସର୍ଗକୁ ନେଇ ଗଠିତ ହୋଇଥିବା ଆଉ ୪ଟି ଶବ୍ଦ ଲେଖନ୍ତୁ ।

## ୮.୪ ମୂଳପାଠର ତୃତୀୟାଂଶ

ବାରବାଟୀ ଦୁର୍ଗର ଅବସ୍ଥା ସେତେବେଳେ କିପରି ଥିଲା, ତାହା ବର୍ତ୍ତମାନ ବିଂଶ ଶତାବ୍ଦୀରେ ବର୍ଣ୍ଣନା କରିବା ଅସମ୍ଭବ । ବହୁବାର ବହିଃଶତ୍ରୁ ଆକ୍ରମଣ ଫଳରେ ବାରବାଟୀର ପ୍ରକୃତ ରୂପ ଆଜି ଦର୍ଶକ ଚକ୍ଷୁରୁ ଲୁପ୍ତ ପ୍ରାୟ । ଯେତିକିମାତ୍ର ଭଗ୍ନାବଶେଷ ଅଛି, ସେଥିରୁ ରାଜାଙ୍କ ନିର୍ମିତ ବାରବାଟୀ ଦୁର୍ଗର ବର୍ଣ୍ଣନା କରିବା ସହଜ ନୁହେଁ । ବର୍ତ୍ତମାନ କେବଳ ଦୁର୍ଗର ଚାରିପାଖରେ ପରିଖା, ପୂର୍ବପାର୍ଶ୍ୱରେ ଦ୍ୱାରଦେଶ, ଗୋଟିଏ ପୁଷ୍କରିଣୀ ଏବଂ ଗୋଟିଏ ବୃହତ୍ ସ୍ତୂପ ବ୍ୟତୀତ ଅଧିକ କିଛି ଦର୍ଶକମାନଙ୍କର ଦୃଷ୍ଟିଗୋଚର ହୁଏନାହିଁ । ଅନ୍ୟ ଜଣେ ଦର୍ଶକଙ୍କ ବର୍ଣ୍ଣନା ଅନୁସାରେ କଟକସ୍ଥ ବାରବାଟୀ ଦୁର୍ଗର ଦୁଇଟି ପ୍ରସ୍ତର ପ୍ରାଚୀର ଥିଲା । ଗୋଟିଏ ବାହାରେ ଅର୍ଥାତ୍ ବର୍ତ୍ତମାନ ପରିଖାର ଉପରେ ଏବଂ ଅନ୍ୟଟି ଭିତରେ । ଭିତର ପ୍ରାଚୀରର ଦୈର୍ଘ୍ୟ ୨୧୫୦ ଫୁଟ ଓ ପ୍ରସ୍ଥ ଥିଲା ୧୮୦୦ ଫୁଟ । ପ୍ରାଚୀର ଭିତରର କ୍ଷେତ୍ରଟି ଥିଲା ଆୟତାକାର । ବାହାର ପ୍ରାଚୀରର ପୂର୍ବଭାଗରେ ଗୋଟିଏ ପ୍ରକାଣ୍ଡ ଦ୍ୱାରଦେଶ । ଏହା ନିର୍ମିତ ହୋଇଥିଲା ୧୭୫୦ ଖ୍ରୀଷ୍ଟାବ୍ଦରେ । ଦ୍ୱାରଦେଶର ଦୁଇପାର୍ଶ୍ୱରେ ଦୁଇଟି ଅତି ଉଚ୍ଚ ବର୍ଗକ୍ଷେତ୍ରାକାର ଅଟ୍ଟାଳିକା ଥିଲା । ବାହାର ପ୍ରାଚୀରର ଚାରିପାଖରେ ଯେଉଁ ବିଶାଳ ପରିଖା ଥିଲା, ତାହାର ପ୍ରସ୍ଥ ଥିଲା ପ୍ରାୟ ୨୨୦ ଫୁଟ । ଦୁର୍ଗର ମଧ୍ୟଭାଗରେ ଗୋଟିଏ ଅତି ଉଚ୍ଚ ପ୍ରକାଣ୍ଡ ସ୍ତୂପ ରହିଥିଲା । ଦୁର୍ଗ ମଧ୍ୟରେ ରାଜା ମୁକୁନ୍ଦଦେବଙ୍କ ନିର୍ମିତ ସୁରମ୍ୟ ନବତଳ ଭବନର କୌଣସି ଚିହ୍ନ ବି ବର୍ତ୍ତମାନ ଦେଖିବାକୁ ମିଳେନାହିଁ । ମୁସଲମାନ ବା ମରହଟ୍ଟା ଶାସନକର୍ତ୍ତାମାନେ ପରବର୍ତ୍ତୀକାଳରେ ଦୁର୍ଗର ଉତ୍ତର-ପଶ୍ଚିମ କୋଣରେ ଗୋଟିଏ ଗୋଲାକାର ତୋପ ସଜ୍ଜିତ ପ୍ରାକାର ନିର୍ମାଣ କରିଥିଲେ । ଦୁର୍ଗ ମଧ୍ୟରେ ଥିବା ପୁଷ୍କରିଣୀରେ ରାଣୀମାନେ ସେତେବେଳେ ସ୍ନାନ କରୁଥିବା ସମ୍ପର୍କରେ ଅନୁମାନ କରାଯାଇପାରେ । ମୁକୁନ୍ଦଦେବଙ୍କ ସମୟରେ ନବତଳ ପ୍ରାସାଦର ଦକ୍ଷିଣ ଦିଗରେ ଗୋଟିଏ ହିନ୍ଦୁ ମନ୍ଦିର ଥିଲା । ସେଠାରେ ଖୁବ ସମ୍ଭବ କଟକଚଣ୍ଡୀ ଓ ପରକାଳରେ ସତ୍ୟବାଦୀକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ସାକ୍ଷୀଗୋପାଳ ଅବସ୍ଥାନ କରୁଥିଲେ । ବାରବାଟୀ

ଦୁର୍ଗ ଯେତେବେଳେ ଉନ୍ନତିର ଚରମ ସୀମାରେ ପଦାର୍ପଣ କରିଥିଲା, ସେତେବେଳେ ଏହା ଓଡ଼ିଶାର ରାଜାଙ୍କୁ କୋଳରେ ଧାରଣ କରି ଚିର ଶାରଦ ଚନ୍ଦ୍ରମାରେ ରଜତାଚ୍ଛାଦିତ ଚିତ୍ରୋତ୍ପଳା ଜଳରେ ସଗର୍ବରେ ସ୍ୱମୁଖ ନିରୀକ୍ଷଣ କରୁଥିଲା । ସେହି ସମୟରେ ଉତ୍କଳର ପ୍ରତ୍ୟେକ ଗ୍ରାମ, ନଗର, ପର୍ବତ, ପ୍ରାନ୍ତର, ଅରଣ୍ୟ ରଣୋନ୍ମତ୍ତ ସୈନ୍ୟ ଓ ସୁଦୃଢ଼ ଦୁର୍ଗ ଦ୍ୱାରା ପରିପୂର୍ଣ୍ଣ ଥିଲା । ବାରବାଟୀ ଅସଂଖ୍ୟ ଦୁର୍ଗ ଉପରେ ସତେ ଯେପରି ରାଜପଣ କରୁଥିଲା । ଓଡ଼ିଶାର ପ୍ରତିଟି ଦୁର୍ଗରୁ ଯେଉଁ ସ୍ୱତନ୍ତ୍ର ଶକ୍ତି ଓ ସ୍ୱାଧୀନତାର ପ୍ରେରଣା ସୃଷ୍ଟି ହେଉଥିଲା, ତାହା ଓଡ଼ିଆଙ୍କର ପ୍ରତ୍ୟେକ ଶିରା ପ୍ରଶିରା, ଭେଦକରି ହୃଦୟରେ ଅସୀମ ତେଜ ଓ ବାହୁରେ ଅମିତ ବଳ ସଞ୍ଚାର କରୁଥିଲା । କେବଳ ଓଡ଼ିଶା କାହିଁକି, ଗଙ୍ଗାଠାରୁ କୁମାରିକା ପର୍ଯ୍ୟନ୍ତ ସମୁଦାୟ ଭୂଖଣ୍ଡ ଯୁଦ୍ଧ ପ୍ରିୟ ଓଡିଆ ବୀରମାନଙ୍କର କ୍ରୀଡ଼ାସ୍ଥଳୀ ଥିଲା ଏବଂ ସମଗ୍ର ଭାରତବର୍ଷ ଓଡ଼ିଆଙ୍କ ତେଜ ଅନୁଭବ କରୁଥିଲା । ବାରବାଟୀ ଥିଲା ଓଡ଼ିଶା ଇତିହାସର ମୂକସାକ୍ଷୀ । କାଳର କୁଟିଳ ଗତିରେ ବାରବାଟୀ ଓଡ଼ିଶାର ରାଜାମାନଙ୍କର ପବିତ୍ର ଓ ପ୍ରଶାନ୍ତ ଭବନରୁ ରୂପାନ୍ତରିତ ହୋଇ ମୁସଲ-ମାନମାନଙ୍କ ରାଜତ୍ୱ କାଳରେ କେତେ କେତେ ଅନ୍ତର୍ବିବାଦ, ଲୋମହର୍ଷଣକାରୀ ହତ୍ୟାକାଣ୍ଡ ପରିଦର୍ଶନ କରି ଅବଶେଷରେ ଏକ କାରାଗାରରେ ପରିଣତ ହୋଇଥିଲା । ତତ୍ପରେ ଯେଉଁ ବାରବାଟୀ ଉତ୍କଳୀୟ ରାଜାମାନଙ୍କ ଅଧୀନରେ ସ୍ୱ ଜନ୍ମଭୂମିର ସୁଜଳା ସୁଫଳା, ଶସ୍ୟ ଶ୍ୟାମଳା ରୂପ ଦେଖି ଆନନ୍ଦରେ ନୃତ୍ୟ କରୁଥିଲା, ତାହା ମରହଟ୍ଟାମାନଙ୍କ ରାଜତ୍ୱକାଳରେ ଓଡ଼ିଆମାନଙ୍କ ଆକୁଳ ଚିତ୍କାରରେ ପ୍ରତିଧ୍ୱନିତ ହେଲା । ପରିଶେଷରେ ଇଂରେଜମାନଙ୍କ ଦ୍ୱାରା ପ୍ରସିଦ୍ଧ ବାରବାଟୀ ଧ୍ୱଂସ ସ୍ତୂପରେ ପରିଣତ ହେଲା । ଏପରିକି ଇଂରେଜ ଶାସନାଧୀନ ନିର୍ମାଣ ବିଭାଗ ନିର୍ମମ ଭାବରେ ବାରବାଟୀ ଦୁର୍ଗର ପ୍ରସ୍ତରଗୁଡ଼ିକୁ ନେଇ ଡାକ୍ତର-ଖାନା, ବତୀଘର, ସରକାରୀ କୋଠାଘର ବା ରାସ୍ତା ନିର୍ମାଣରେ ବ୍ୟବହାର କରି ଓଡ଼ିଶାର ପ୍ରାଚୀନ ଗୌରବକୁ ଚିରକାଳ ପାଇଁ ଧୂଳିରେ ମିଶାଇ ଦେଲେ ।

### ୮.୪.୧ ମୂଳପାଠଗତ ପ୍ରଶ୍ନ—

୧. ଗୋଟିଏ କିମ୍ବା ଦୁଇଟି ଲେଖାଏଁ ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅନ୍ତୁ—

(କ) କେଉଁମାନଙ୍କ ଆକ୍ରମଣ ଫଳରେ ବାରବାଟୀର ପ୍ରକୃତ ରୂପ ଏବେ ଦୃଷ୍ଟିଗୋଚର ହୁଏ ନାହିଁ ?

(ଖ) ବାରବାଟୀ ଦୁର୍ଗର କି କି ଧ୍ୱଂସାବଶେଷ ବର୍ତ୍ତମାନ ରହିଅଛି ?

(ଗ) ବାରବାଟୀ ଦୁର୍ଗର କେତୋଟି ପ୍ରସ୍ତର ପ୍ରାଚୀର ଥିଲା ?

(ଘ) ବାରବାଟୀ ଦୁର୍ଗର ଚତୁଃପାର୍ଶ୍ୱରେ ବେଢ଼ି ରହିଥିବା ପରିଖାର ପ୍ରସ୍ଥ କେତେ ଥିଲା ?

(ଙ) ମୁସଲମାନମାନଙ୍କ ରାଜତ୍ୱ କାଳରେ ବାରବାଟୀ ଦୁର୍ଗ କେଉଁ ଶୋଚନୀୟ ଅବସ୍ଥାର ସମ୍ମୁଖୀନ ହୋଇଥିଲା ?

(ଚ) ନବତଳ ପ୍ରାସାଦର ଦକ୍ଷିଣ ଦିଗରେ କେଉଁ ମନ୍ଦିର ଥିଲା ଏବଂ ସେଠାରେ କେଉଁ ଦେବତା ଅବସ୍ଥାନ କରୁଥିଲେ ?

(ଛ) ଇଂରେଜ ଶାସନ କାଳରେ ବାରବାଟୀ ଦୁର୍ଗର କି ଅବସ୍ଥା ସୃଷ୍ଟି ହୋଇଥିଲା ?

୨ ନିମ୍ନରେ ପ୍ରଦତ୍ତ ବାକ୍ୟଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କରନ୍ତୁ—

(କ) ଇଂରେଜ ଶାସନ କାଳରେ — ବିଭାଗ ବାରବାଟୀ ଦୁର୍ଗର ପ୍ରସ୍ତର ସବୁକୁ ନେଇ ଯାଇଥିଲେ ।

(ଖ) ଦୁର୍ଗ ମଧ୍ୟରେ ଥିବା — ରେ ସେତେବେଳେ — ମାନେ ସ୍ନାନ କରୁଥିଲେ ।

(ଗ) ବାରବାଟୀ ଦୁର୍ଗର ଭିତର ପ୍ରାଚୀରର ଦୈର୍ଘ୍ୟ ଥିଲା — ଫୁଟ ଏବଂ ପ୍ରସ୍ଥ ଥିଲା — ଫୁଟ ।

(ଘ) ବାରବାଟୀ ଦୁର୍ଗର ଦ୍ୱାରଦେଶର ଦୁଇପାର୍ଶ୍ୱରେ ଦୁଇଟି ଅତି ଉଚ୍ଚ — ଥିଲା ।

(ଙ) ବାରବାଟୀ ଦୁର୍ଗ ମଧ୍ୟରେ ଏକ ବିଶାଳ — ମୁକୁନ୍ଦଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖନ୍ତୁ ।

ପରିଖା, ସ୍ତୂପ, ଅଟ୍ଟାଳିକା, ନବତଳ ପ୍ରାସାଦ, ଚରମସୀମା, ଅମିତ, ଗୌରବ ।

### ୮.୪.୨ ବ୍ୟାକରଣଗତ ପ୍ରଶ୍ନ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ ।

କ୍ଷେତ୍ରାକାର, ରଜତାଚ୍ଛାଦିତ, ଚିତ୍ରୋତ୍ପଳା, ଅନ୍ତର୍ବିବାଦ, କାରାଗାର, ଶାସନାଧୀନ, ଭଗ୍ନାବଶେଷ ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦାବଳୀ ଲେଖନ୍ତୁ ।
ଉଚ୍ଚ, ପ୍ରକୃତ, ବର୍ତ୍ତମାନ, ଦୈର୍ଘ୍ୟ, ପ୍ରାସାଦ, ନଗର, ମୂକ, ପ୍ରାଚୀନ ।

୩. ନିମ୍ନ ଶବ୍ଦଗୁଡ଼ିକର ଭିନ୍ନ ଭିନ୍ନ ଅର୍ଥ ଲେଖନ୍ତୁ ।
ଚିର, ବଂଶ, ପଶ୍ଚିମ ।

୪. ସଂକ୍ଷେପରେ ବା ଏକପଦରେ ପ୍ରକାଶ କରନ୍ତୁ ।
ଚିରବସନ୍ତ ଯେଉଁଠାରେ ଲୀଳାକରେ, ପୁରାଣରେ ଯାହା ପ୍ରସିଦ୍ଧ, ସେ କାଳରେ ଯାହା ଘଟିଅଛି, ଶରତ ଋତୁର ଚନ୍ଦ୍ର, ନିଜ ନିଜ ମଧ୍ୟରେ ବିବାଦ, ଲୋମ ଟାଙ୍କୁଚି ଉଠେ ଯାହା ଦ୍ୱାରା, ଶସ୍ୟ ଦ୍ୱାରା ଶ୍ୟାମଳ ।

୫. ନିମ୍ନରେ ପ୍ରଦତ୍ତ ପଦଗୁଡ଼ିକର ବିଶେଷ୍ୟ ଓ ବିଶେଷଣ ଚିହ୍ନାଇ, ବିଶେଷ୍ୟକୁ ବିଶେଷଣରେ ଏବଂ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କରନ୍ତୁ ।
କୁଟିଳ, ବଳ, ପ୍ରଶାନ୍ତ, ଧୂଳି, ଲୁପ୍ତ, ଦୈର୍ଘ୍ୟ, ଉଚ୍ଚ, ଉନ୍ନତି, ଶାରଦ, ତେଜ, ପ୍ରସିଦ୍ଧ ।

### ୮.୪.୩ ସମ୍ପୂର୍ଣ୍ଣ ପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

୧. ଗୋଟିଏ କିମ୍ବା ଦୁଇଟି ଲେଖାଏଁ ବାକ୍ୟରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରନ୍ତୁ ।

(କ) ବାରବାଟୀ ଦୁର୍ଗ କେଉଁ ନଗରୀରେ ଅବସ୍ଥିତ ?

(ଖ) ଏହା କେବେ ନିର୍ମିତ ହୋଇଥିଲା ?

(ଗ) କେଉଁ ରାଜା ଏହାକୁ ନିର୍ମାଣ କରାଇଥିଲେ ?

(ଘ) କେଉଁ କାରଣରୁ ରାଜାମାନେ ସୁଦୃଢ଼ ଦୁର୍ଗ ନିର୍ମାଣର ଆବଶ୍ୟକତା ଅନୁଭବ କଲେ ?

(ଙ) କେଉଁ ରାଜା କଟକ ନଗର ସ୍ଥାପନ କରିଥିଲେ ?

(ଚ) ଶ୍ରୀଚୈତନ୍ୟ ବାରବାଟୀ ଦୁର୍ଗରେ କାହା ସହିତ ସାକ୍ଷାତ କରିଥିଲେ ?

(ଛ) ବିଦ୍ୟାଧରପୁର ଦୁର୍ଗ କେଉଁ ରାଜାଙ୍କର କୀର୍ତ୍ତି ?

୨. ନିମ୍ନରେ ପ୍ରଦତ୍ତ ଶବ୍ଦଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ବ୍ୟବହାର କରି ବାକ୍ୟରେ ଥିବା ଶୂନ୍ୟସ୍ଥାନମାନ ପୂରଣ କରନ୍ତୁ ।

(କ) ଓଡ଼ିଶାର ସୁପ୍ରସିଦ୍ଧ କବି ରାଧାନାଥ ନିଜ କାବ୍ୟରେ ବାରବାଟୀ ଦୁର୍ଗର — ବର୍ଣ୍ଣନା କରିଛନ୍ତି ।

(ଖ) ଅନନ୍ତ — କୂଳରେ ପବିତ୍ର ନୀଳାଚଳ ଧାମ ଅବସ୍ଥିତ ।

(ଗ) ବର୍ତ୍ତମାନର ବିଦ୍ୟାଧରପୁର ପୂର୍ବେ — ନାମରେ ପରିଚିତ ଥିଲା ଏବଂ କଟକଠାରୁ — ନଥିଲା ।

(ଘ) ବାରବାଟୀ ଦୁର୍ଗ ମଧ୍ୟରେ ଥିବା ପ୍ରାସାଦର — ମହଲା ଶିଳ୍ପୀମାନଙ୍କ ବସବାସ ପାଇଁ ନିର୍ଦ୍ଦିଷ୍ଟ ଥିଲା ।

(ଙ) ବାରବାଟୀ ଦୁର୍ଗ ଥିଲା ଇତିହାସ ପ୍ରସିଦ୍ଧ ବୀରମାନଙ୍କର — ।

(ଚ) ଊନବିଂଶ — ର ଆରମ୍ଭରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରିଥିଲେ ।

(ଛ) ଉନ୍ନତିର — ସୀମାରେ ଅବସ୍ଥାନ କରି ବାରବାଟୀ ପାର୍ଶ୍ୱରେ ପ୍ରବାହିତ ଚିତ୍ରୋତ୍ପଳା ନଦୀରେ — ସ୍ୱମୁଖ ନିରୀକ୍ଷଣ କରୁଥିଲା ।

[ଗୌରବ, ସାଗର, ରଙ୍ଗସ୍ଥଳୀ, ସଗର୍ବରେ, ଚରମ, ବାରଣସୀ, ଚତୁର୍ଥ, ପୃଥକ୍, ଶତାବ୍ଦୀ]

୩. ମୂଳପାଠରେ ବ୍ୟବହୃତ କେଉଁ କେଉଁ ଶବ୍ଦର ଅର୍ଥ ନିମ୍ନରେ ଉଲ୍ଲେଖ କରାଯାଇଛି ?
ନଅମହଲା, ଉନ୍ନତି, ଶେଷ ସମୟ, କୋଠାଘର, ମୃତ୍ୟୁବରଣ, ସୁନ୍ଦର, ଆମୋଦ ପ୍ରମୋଦ ଗୃହ, ସେ କାଳର ।

୪. ନିମ୍ନରେ କେତୋଟି ଶବ୍ଦ ଦିଆଯାଇଛି । ପ୍ରତ୍ୟେକଟିକୁ ବ୍ୟବହାର କରି ଗୋଟିଏ ଲେଖାଏଁ ସାର୍ଥକ ବାକ୍ୟ ରଚନା କରନ୍ତୁ ।

କୀର୍ତ୍ତି, ଅବଦାନ, ଅପେକ୍ଷାକୃତ, ସ୍ୱତନ୍ତ୍ର, ତଦାନୀନ୍ତନ, ପ୍ରତିରୋଧ, ରଙ୍ଗସ୍ଥଳୀ ।

୫. ପାଠରେ ଥିବା କେତେଗୁଡ଼ିଏ ବାକ୍ୟକୁ ନିମ୍ନରେ ଓଲଟ ପାଲଟ କରି ଲେଖାଯାଇଛି । ସେଗୁଡ଼ିକୁ ଠିକ୍ ଭାବରେ ସଜାଇ ଉପଯୁକ୍ତ ବାକ୍ୟମାନ ଲେଖନ୍ତୁ ।

(କ) ନଥିଲା ପୂର୍ବେ କଟକ ନଗର ସ୍ୱତନ୍ତ୍ର ।

(ଖ) ରାଜଧାନୀରେ କଟକ ଦଶମ ପରିଣତ ହେଲା ଶତାବ୍ଦୀରେ ।

(ଗ) ମୁକୁନ୍ଦଦେବଙ୍କ ସ୍ୱାଧୀନତା ପରେ ଲୋପ ପାଇଲା ଓଡ଼ିଶାର ।

(ଘ) ପଞ୍ଚମ ଥିଲା ତଳରେ ରନ୍ଧନଶାଳା ପ୍ରାସାଦର ।

(ଙ) ହିନ୍ଦୁ ମନ୍ଦିର ପ୍ରାସାଦର ନବତଳ ଥିଲା ଦକ୍ଷିଣରେ ଗୋଟିଏ ।

(ଚ) ସର୍ପର ମଣି ବାରବାଟୀ ଦୁର୍ଗ ଓ ସ୍ୱର୍ଗର ପାରିଜାତ ଉତ୍କଳର ରାଜାମାନଙ୍କ ପାଇଁ ଥିଲା ସଦୃଶ ।

(ଛ) କୀର୍ତ୍ତି ପ୍ରଧାନ ତତ୍କାଳୀନ ରାଜା ବାରବାଟୀ ଦୁର୍ଗ ଓଡ଼ିଶାର ଅନଙ୍ଗଭୀମଦେବଙ୍କର ।

୬. ନିମ୍ନରେ ଦୁଇଟି ସ୍ତମ୍ଭରେ କେତେଗୋଟି ଶବ୍ଦ ଲେଖାଯାଇଛି । ପାଠ ପ୍ରତି ଉପଯୁକ୍ତ ଧ୍ୟାନ ଦେଇ ସେଗୁଡ଼ିକ ମଧ୍ୟରୁ ପରସ୍ପର ସମ୍ପୃକ୍ତ ଶବ୍ଦଯୋଡ଼ି ବାଛନ୍ତୁ ।

| | |
|---|---|
| କେଶରୀ ବଂଶ | ସାକ୍ଷୀଗୋପାଳ |
| ନୀଳାଚଳ | ଶେଷ ହିନ୍ଦୁ ରାଜା |
| କାଞ୍ଚି | ସାଗର |
| ମୁକୁନ୍ଦଦେବ | ଲାଲ୍‌ବାଗ |
| ଇଂରେଜ | ଏକାମ୍ରକାନନ |

୭. ବ୍ୟାସବାକ୍ୟ ସହ ନିମ୍ନ ପଦଗୁଡ଼ିକର ସମାସ ନିର୍ଣ୍ଣୟ କରନ୍ତୁ ।

ଅନନ୍ତ ସାଗର, ସମର ସାଗର, ସୈନ୍ୟ ସାମନ୍ତ, ବିଳାସ ଭବନ, ନବତଳ, ଚିତ୍ରୋତ୍ପଳା, ସର୍ପମଣି ।

୮. ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ ।

ପଦାର୍ପଣ, ନିରୀକ୍ଷଣ, ଭୁବନେଶ୍ୱର, ଉନ୍ନତି, ଗଣେଶ, ଭବନ, ରଘୋତ୍ତମ ।

୯. 'ପରିପୂର୍ଣ୍ଣ' ଶବ୍ଦରେ 'ପରି' ଏକ ଉପସର୍ଗ ବା ପୂର୍ବସର୍ଗ । ସେହିପରି ୫ଟି ଉପସର୍ଗ ବ୍ୟବହାର କରି ଶବ୍ଦ ଗଠନ କରନ୍ତୁ ।

୧୦. 'ପାରିବାରିକ' ଶବ୍ଦରେ 'ଇକ' ଏକ ପରସର୍ଗ (ଯଥା—ପରିବାର+ଇକ=ପାରିବାରିକ) । ସେହିପରି ଆଉ ୫ ଗୋଟି ଶବ୍ଦ 'ଇକ' ପରସର୍ଗ ଯୋଗକରି ଗଠନ କରନ୍ତୁ ।

୧୧. ନିମ୍ନଲିଖିତ ଶବ୍ଦାବଳୀର ବିପରୀତାର୍ଥବୋଧକ ଶବ୍ଦମାନ ଲେଖନ୍ତୁ ।

ଅତୁଳନୀୟ, ପ୍ରସିଦ୍ଧ, ପରିଣତ, ଶୀର୍ଷସ୍ଥାନ, ବୀରତ୍ୱ, ସହଜ, ବୃହତ୍, ଅସୀମ ।

୧୨. ଲକ୍ଷ୍ୟ କରନ୍ତୁ—

ଉଦାହରଣ—

ଅନଙ୍ଗଭୀମଦେବ ବାରବାଟୀ ଦୁର୍ଗ ନିର୍ମାଣ କରାଇଥିଲେ ।

[ ଅର୍ଥାତ୍ ଏଠାରେ ଅନଙ୍ଗଭୀମଦେବ ନିଜେ ଶିଳ୍ପୀ ଭାବରେ ଗଢ଼ି ନଥିଲେ, ମାତ୍ର ତାଙ୍କ ଆଦେଶରେ ଶିଳ୍ପୀମାନେ ଗଢ଼ିଥିଲେ । ଫଳରେ ସେ ନିର୍ମାଣ କରିଥିଲେ ନ ହୋଇ ନିର୍ମାଣ କରାଇଥିଲେ ହୋଇଅଛି । ]

ସେହିପରି ହେବ, ନରସିଂହଦେବ କୋଣାର୍କ ମନ୍ଦିର ତୋଳାଇ ଥିଲେ । ଏଠାରେ ତୋଳିଥିଲେ ହେବନାହିଁ ।

ବର୍ତ୍ତମାନ ବନ୍ଧନୀ ମଧ୍ୟରୁ ଉପଯୁକ୍ତ ପଦବାଛି ନିମ୍ନ ବାକ୍ୟଗୁଡ଼ିକୁ ପୂରଣ କରନ୍ତୁ :—

(କ) ଶିକ୍ଷକମାନେ ଛାତ୍ରମାନଙ୍କୁ ନିବନ୍ଧ — ।

(ଲେଖିଥିଲେ, ଲେଖାଇଥିଲେ)

(ଖ) ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସରକାର ବହୁସଂଖ୍ୟାରେ କୂଅ — ।

(ଖୋଳାଉଛନ୍ତି, ଖୋଳୁଛନ୍ତି)

(ଗ) ଏବର୍ଷ ଓଡ଼ିଶାରୁ ଅନେକ ଛାତ୍ର ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ନାମ — ।
(ଲେଖାଇଛନ୍ତି, ଲେଖିଛନ୍ତି)

(ଘ) ରାଜା ମୁକୁନ୍ଦଦେବ ସୁରମ୍ୟ ରାଜପ୍ରାସାଦରେ ନଅଟି ମହଲା — ।
(ରଖାଇଥିଲେ, ରଖିଥିଲେ)

(ଙ) ପ୍ରକାଶକମାନେ ବିଶିଷ୍ଟ ଲେଖକଙ୍କ ଦ୍ୱାରା ବହି — ।
(ଲେଖନ୍ତି, ଲେଖାନ୍ତି)

(ଚ) ରାଜା ଦୁର୍ଗର ସୁରକ୍ଷା ପାଇଁ ଚତୁର୍ଦ୍ଦିଗରେ ସୁଗଭୀର ପରିଖା — ।
(ଖୋଳାଇଥିଲେ, ଖୋଳିଥିଲେ)

(ଛ) ଗୋହିରାଟିକିରି ଯୁଦ୍ଧରେ ରାଜା ମୁକୁନ୍ଦଦେବ ପ୍ରାଣ — ।
(ହାରିଲେ, ହରାଇଲେ)

(ଜ) ଧର୍ମପ୍ରାଣ ରାଜାମାନେ ଓଡ଼ିଶାରେ ବହୁ ମନ୍ଦିର — ।
(ତୋଳାଇଥିଲେ, ତୋଳିଥିଲେ)

୧୩. ଲକ୍ଷ୍ୟ କରନ୍ତୁ—

ଉତ୍କଳର ବହୁ ନରପତି ବାରବାଟୀ କୋଳରେ ଆଶ୍ରୟ ନେଇ ଲାଳିତ ପାଳିତ ହୋଇଛନ୍ତି ।
ମା' ଶିଶୁଟିକୁ ଲାଳନ ପାଳନ କରୁଅଛନ୍ତି ।

ସେହିପରି ଦେଖନ୍ତୁ—

ଶିଳ୍ପୀ ପ୍ରସ୍ତର ଉପରେ ସୁନ୍ଦର ଚିତ୍ରଟିଏ ଅଙ୍କନ କରିଛନ୍ତି ।

ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତର ଉପରେ ସୁନ୍ଦର ଚିତ୍ରଟିଏ ଅଙ୍କିତ ହୋଇଅଛି ।

ବର୍ତ୍ତମାନ ବନ୍ଧନୀ ମଧ୍ୟରୁ ଉପଯୁକ୍ତ ପଦବାଛି ନିମ୍ନ ବାକ୍ୟଗୁଡ଼ିକୁ ପୂରଣ କରନ୍ତୁ ।

(କ) କାରିଗରମାନେ ବାରବାଟୀ ଦୁର୍ଗ — କରିଅଛନ୍ତି ।
(ନିର୍ମାଣ, ନିର୍ମିତ)

(ଖ) ଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା — ହୋଇଅଛି ।
(ସମାପିତ, ସମାପନ)

(ଗ) ମୁକୁନ୍ଦଦେବଙ୍କ ଦ୍ୱାରା ବାରବାଟୀ ଦୁର୍ଗର ଅଶେଷ ଉନ୍ନତି — ହୋଇଥିଲା ।
(ସାଧନ, ସାଧିତ)

(ଘ) ଦେଖା ସାକ୍ଷାତ, କଥୋପକଥନ ଓ ଦରବାରର ଆଳାପ ଆଲୋଚନା ପାଇଁ ଷଷ୍ଠ-ତଳ — ହେଉଥିଲା ।
(ବ୍ୟବହାର, ବ୍ୟବହୃତ)

(ଙ) ସପ୍ତମତଳରେ ପାରିବାରିକ ଓ ଗୋପନୀୟ କାର୍ଯ୍ୟ — ହେଉଥିଲା ।
(ସାଧନ, ସାଧିତ)

(ଚ) ପରବର୍ତ୍ତୀ କାଳରେ ବାରବାଟୀ ଦୁର୍ଗ ଉଭୟ ମୁସଲମାନ ଓ ମରହଟ୍ଟା ଶାସକ-ମାନଙ୍କ ଦ୍ୱାରା ରାଜଧାନୀ ରୂପେ — ହୋଇଥିଲା ।
(ବ୍ୟବହାର, ବ୍ୟବହୃତ)

(ଛ) ଓଡ଼ିଶାର ରାଜାମାନଙ୍କ ପରେ ବାରବାଟୀ ଦୁର୍ଗ ମୁସଲମାନ, ମରହଟ୍ଟା ଓ ଇଂରେଜ ଶାସକମାନଙ୍କ ଦ୍ୱାରା — ହୋଇଥିଲା ।
(ଅଧିକାର, ଅଧିକୃତ)

(ଜ) କେଶରୀ ବଂଶର ରାଜାଙ୍କ ସମୟରେ ଓଡ଼ିଶାରେ ଦୁର୍ଗ ନିର୍ମାଣର ସେପରି — ନଥିଲା ।
(ଆବଶ୍ୟକତା, ଆବଶ୍ୟକ)

(ଝ) ୧୮୦୩ ଖ୍ରୀଷ୍ଟାବ୍ଦରେ ବାରବାଟୀ ଦୁର୍ଗ ଇଂରେଜମାନଙ୍କ ଦ୍ୱାରା — ହେଲା ।
(ଅଧିକାର, ଅଧିକୃତ)

(ଟ) ଦୁର୍ଗ ମଧ୍ୟରେ ଥିବା ପୁଷ୍କରିଣୀରେ ରାଣୀମାନେ ସ୍ନାନ କରୁଥିବା ସମ୍ପର୍କରେ — ହୁଏ ।
(ଅନୁମିତ, ଅନୁମାନ)

(ଠ) ସମଗ୍ର ଭାରତ ବର୍ଷରେ ଓଡ଼ିଆଙ୍କ ତେଜ — ହେଉଥିଲା ।
(ଅନୁଭବ, ଅନୁଭୂତ)

(ଡ) ଦଶମ ଶତାବ୍ଦୀରେ ବିଦ୍ୟାନାସୀଠାରେ ଗୋଟିଏ ସୁଦୃଢ଼ ଦୁର୍ଗ — ହୋଇଥିଲା ।
(ନିର୍ମାଣ, ନିର୍ମିତ)

୧୪. (କ) ବିଶେଷ୍ୟ ପଦରେ ପରିଣତ କରନ୍ତୁ ।

ଅଧିକ, ଆଦିମ, ସୁଦୃଢ଼, ଶାରଦ, ଆକୁଳ କୁଶଳୀ, ଉଦ୍ଦିଷ୍ଟ ।

(ଖ) ବିଶେଷଣ ପଦରେ ପରିଣତ କରନ୍ତୁ ।

ରାଜା, ପ୍ରତାପ, ମାନସ, ସମର, ପର୍ବତ, ଅରଣ୍ୟ, ଶିବ ।

୧୫. ଏଗୁଡ଼ିକର ସନ୍ଧି କରନ୍ତୁ ।

ରଣ+ଉନ୍ମତ୍ତ, କ୍ଷେତ୍ର+ଆକାର, ଚିର+ଆଚରିତ, ମେଘ+ଆଚ୍ଛନ୍ନ, ସ୍ଥାନ+ଅନ୍ତରିତ, ମନଃ+ହର, ଜଗତ୍+ନାଥ ।

## ୮.୫ ସାରାଂଶ

କଟକର ବାରବାଟୀ ଦୁର୍ଗ ଅତୀତ କାଳରେ ସୁପ୍ରସିଦ୍ଧ ଥିଲା । ପ୍ରାୟ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ଶେଷ ବେଳକୁ ଗଙ୍ଗ ବଂଶର ପଞ୍ଚମ ରାଜା ଅନଙ୍ଗଭୀମଦେବ ଏହାକୁ ନିର୍ମାଣ କରାଇଥିଲେ । ପ୍ରଥମେ ସେ ନିଜ ରାଜତ୍ୱର ପ୍ରଥମାବସ୍ଥାରେ ଯାଜପୁରଠାରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା କରି ସେଠାରେ ଅବସ୍ଥାନ କରୁଥିଲେ, କିନ୍ତୁ ସେତିକିବେଳେ ସେ ଉତ୍ତର ଦିଗରୁ ଆଫଗାନମାନଙ୍କ ଆକ୍ରମଣର ଆଶଙ୍କା କରି ଏକ ସୁରକ୍ଷିତ ସ୍ଥାନରେ ସୁଦୃଢ଼ ଦୁର୍ଗଟିଏ ନିର୍ମାଣ କରାଇବାର ଆବଶ୍ୟକତା ଅନୁଭବ କରି କଟକକୁ ବାଛିଲେ । କଟକରେ ବାରବାଟୀଠାରେ ଦୁର୍ଗ ନିର୍ମାଣ କରି ସେ ଯାଜପୁରରୁ ବାରବାଟୀକୁ ରାଜଧାନୀ ଉଠାଇ ଆଣିଲେ । ଓଡ଼ିଶାର ଇତିହାସରେ ବାରବାଟୀ ଏକ ପ୍ରଧାନ କୀର୍ତ୍ତି । ସେଠାରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା କରାଯାଇଥିଲା । ବାରବାଟୀ ବ୍ୟତୀତ ବିଦ୍ୟାନାସୀ, ସାରଙ୍ଗଗଡ଼ ଓ ଚୌଦ୍ୱାର ପରି ବହୁ ଦୁର୍ଗ ସେତେବେଳେ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯୁଦ୍ଧ ଭୟ ନଥିବା କାରଣରୁ ରାଜା ଓ ପ୍ରଜା ସମସ୍ତେ ସେ କାଳରେ ଶାନ୍ତିରେ ଥିଲେ । ରାଜାମାନେ ଲୋକହିତକର କାର୍ଯ୍ୟମାନ କରୁଥିଲେ । ସେମାନେ ଯାଗ, ଯଜ୍ଞ ପରି ଧର୍ମକାର୍ଯ୍ୟ କରୁଥିଲେ ଓ ଶିଳ୍ପକଳାର ଉନ୍ନତିରେ ବିଶେଷ ଧ୍ୟାନ ଦେଉଥିଲେ । ସେହି କାରଣରୁ ଦୁର୍ଗ ନିର୍ମାଣ ପାଇଁ ସେତେବେଳର ରାଜାମାନେ ମନ ବଳାଇ ନଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ଯେତେବେଳେ ବିଦେଶୀ ଶତ୍ରୁ ଆକ୍ରମଣର ସମ୍ଭାବନା ଦେଖାଦେଲା ଓ ମୁସଲମାନମାନେ ଓଡ଼ିଶା ପ୍ରତି ଆଖିପକାଇଲେ, ସେତେବେଳେ ଓଡ଼ିଶାର ରାଜାମାନେ ଦୁର୍ଗମାନ ପ୍ରତିଷ୍ଠା କରି ନିଜ ନିଜର ସୁରକ୍ଷା ବ୍ୟବସ୍ଥା କଲେ ।

ବାରବାଟୀ ପୂର୍ବରୁ ବିଦ୍ୟାନାସୀ ଦୁର୍ଗ ପ୍ରତିଷ୍ଠିତ ହୋଇଥିଲା । କେଶରୀ ବଂଶର ରାଜା ନୃପକେଶରୀ ଦଶମ ଶତାବ୍ଦୀରେ କଟକ ନଗର ସ୍ଥାପନ କରାଇଥିଲେ । ବିଦ୍ୟାନାସୀଠାରେ ଦୁର୍ଗ ନିର୍ମାଣ ତାଙ୍କରି ଅବଦାନ । କଟକ ଓ ବିଦ୍ୟାନାସୀ ସେତେବେଳେ ଏକତ୍ର ମିଶି ରହିଥିଲା ଏବଂ "କଟକ-ବାରାଣସୀ" ନାମରେ ପରିଚିତ ଥିଲା । ସେତିକିବେଳେ କଟକ ହେଲା ଓଡ଼ିଶାର ରାଜଧାନୀ । ରାଜା ଅନଙ୍ଗଭୀମଦେବ ସୁଦୃଢ଼ ବାରବାଟୀ ଦୁର୍ଗ ନିର୍ମାଣ କରାଇ ସେଠାରେ ରାଜଧାନୀ ପ୍ରତିଷ୍ଠା କରିବା ପରେ ଅନ୍ୟାନ୍ୟ ରାଜାମାନେ ମଧ୍ୟ ବାରବାଟୀ ଦୁର୍ଗକୁ ନିଜ ନିଜ ରାଜତ୍ୱ କାଳରେ ରାଜଧାନୀ କରିଥିଲେ । ନରସିଂହଦେବ, କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ, ପ୍ରତାପରୁଦ୍ରଦେବ ଓ ମୁକୁନ୍ଦଦେବ ପ୍ରଭୃତି ରାଜାମାନଙ୍କ ସମୟରେ ବାରବାଟୀ ଦୁର୍ଗ ଥିଲା ଓଡ଼ିଶାର ରାଜଧାନୀ ଓ ବିଜୟ ଗୌରବର କେନ୍ଦ୍ରସ୍ଥଳୀ । ରାଜା ପୁରୁଷୋତ୍ତମଦେବ ବାରବାଟୀ ଦୁର୍ଗରୁ କାଞ୍ଚି ବିଜୟ ଯାତ୍ରା ଆରମ୍ଭ କରିଥିଲେ । ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସି ବାରବାଟୀଠାରେ ରାଜା ପ୍ରତାପରୁଦ୍ରଦେବଙ୍କ ସଙ୍ଗେ ସାକ୍ଷାତ କରିଥିଲେ । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ବାରବାଟୀ ଦୁର୍ଗର ବହୁ ଉନ୍ନତି ସାଧନ କରିଥିଲେ । ତାଙ୍କରି ରାଜତ୍ୱରେ ଦୁର୍ଗ ମଧ୍ୟରେ ଏକ ବିଶାଳ ଓ ସୁରମ୍ୟ ନବତଳ ପ୍ରାସାଦ ନିର୍ମାଣ କରାଯାଇଥିଲା ।

ପରେ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଯାଇଥିଲା ଏବଂ ବାରବାଟୀ ଦୁର୍ଗ ମୁସଲମାନ ଓ ମରହଟ୍ଟା ଶାସକମାନଙ୍କର ମଧ୍ୟ ରାଜଧାନୀ ହୋଇ ରହିଥିଲା । ଖୋରଧାର ରାଜା ରାମଚନ୍ଦ୍ରଦେବ ମୁସଲମାନମାନଙ୍କ ଦ୍ୱାରା ପରାଜିତ ହୋଇ ବାରବାଟୀ ଦୁର୍ଗରେ ବନ୍ଦୀ ହୋଇଥିଲେ । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରିଥିଲେ । ତାଙ୍କରି ଦ୍ୱାରା ବାରବାଟୀ ଦୁର୍ଗପରି ଓଡ଼ିଶାର ଏକ ବିଶାଳ ଦୁର୍ଗ ଓ ଗୌରବମୟ କୀର୍ତ୍ତି ଧୂଳିସାତ୍ ହୋଇଯାଇଥିଲା ।

**ବିଭିନ୍ନ ସୂତ୍ରରୁ ଜଣାଯାଏ ଯେ କଟକର ବାରବାଟୀ ଦୁର୍ଗର ଦୁଇଟି ପଥର ପାଚେରୀ ଥିଲା ।** ଗୋଟିଏ ଥିଲା ବାହାରେ ବା ବର୍ତ୍ତମାନ ଥିବା ପରିଖାର ଉପରେ ଏବଂ ଆଉ ଗୋଟିଏ ଥିଲା ଭିତରେ ।

ଭିତର ପାଚେରୀର ଲମ୍ବ ଥିଲା ୨୧୫୦ ଫୁଟ ଓ ଚଉଡ଼ା ୧୮୦୦ ଫୁଟ । ପାଚେରୀ ଭିତରେ ଗୋଟିଏ ଆୟତାକାର କ୍ଷେତ୍ର ଥିଲା । ବାହାର ପାଚେରୀର ପୂର୍ବ ପଟକୁ ଗୋଟିଏ ବିରାଟ ପ୍ରବେଶ ଦ୍ୱାର ଥିଲା । ପରବର୍ତ୍ତୀ କାଳରେ ଏହା ୧୭୫୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବା ବିଷୟରେ ଜଣାପଡେ । ପ୍ରବେଶ ଦ୍ୱାରର ଦୁଇପାଖରେ ଦୁଇଟି ଅତି ଉଚ୍ଚ ବର୍ଗକ୍ଷେତ୍ର ଆକାରର କୋଠାଘର ରହିଥିଲା । ୨୨୦ ଫୁଟ ଚଉଡ଼ାର ଗୋଟିଏ ବିଶାଳ ପରିଖା ବାହାର ପାଚେରୀ ଚାରିପାଖରେ ବେଢି ରହିଥିଲା । ଦୁର୍ଗର ଠିକ ମଧ୍ୟ ଭାଗରେ ଗୋଟିଏ ବହୁ ଉଚ୍ଚ ସ୍ତୂପ ରହିଥିଲା । ଦୁର୍ଗ ଭିତରେ ବି ଥିଲା ସୁନ୍ଦର ନଅମହଲା କୋଠାଘରଟିଏ । ପ୍ରଥମ ମହଲାରେ ହାତୀ, ଘୋଡା ଓ ଓଟ ପ୍ରଭୃତି ପଶୁଗୁଡିଏ ରହୁଥିଲେ ; ଦ୍ୱିତୀୟ ମହଲାରେ ରହୁଥିଲେ ଦୁର୍ଗରକ୍ଷକ ଓ ପ୍ରହରୀମାନେ, ତା' ସାଙ୍ଗକୁ ସେଠାରେ ରହୁଥିଲା ବହୁବିଧ ଯୁଦ୍ଧସାମଗ୍ରୀ । ତୃତୀୟ ମହଲାରେ ରାଜାଙ୍କ ଆଦେଶ ପାଳନକାରୀମାନେ ବାସ କରୁଥିଲେ । ଶିଳ୍ପୀ ଓ କାରିଗରମାନଙ୍କ ପାଇଁ ରଖାଯାଇଥିଲା ସମୁଦାୟ ଚତୁର୍ଥ ମହଲାଟି । ପଞ୍ଚମ ମହଲା ବ୍ୟବହୃତ ହେଉଥିଲା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ । ଷଷ୍ଠ ମହଲା ରାଜାଙ୍କ ସାକ୍ଷାତ ଗୃହ ଓ ଦରବାରର କାମ ଚଳାଉଥିଲା । ନିଜର ବ୍ୟକ୍ତିଗତ, ପାରିବାରିକ ଓ ଅନ୍ୟାନ୍ୟ ଗୋପନୀୟ କାର୍ଯ୍ୟ ସମ୍ପାଦନ ପାଇଁ ରାଜା ସପ୍ତମ ମହଲାକୁ ବ୍ୟବହାର କରୁଥିଲେ । ଅନ୍ତଃପୁରର ରମଣୀମାନେ ଅଷ୍ଟମ ମହଲାରେ ବାସ କରୁଥିଲେ । ନବମ ମହଲାଟି ଥିଲା ରାଜାଙ୍କର ଶୟନକକ୍ଷ ଓ ବିଶ୍ରାମକକ୍ଷ ।

ରାଣୀମାନେ ସ୍ନାନ କରିବା ପାଇଁ ଦୁର୍ଗ ଭିତରେ ଗୋଟିଏ ସୁନ୍ଦର ପୁଷ୍କରିଣୀ ରହିଥିଲା । ନଅ ମହଲା ପ୍ରାସାଦର ଦକ୍ଷିଣକୁ ଗୋଟିଏ ମନ୍ଦିର ରହିଥିଲା, ସେଥିରେ ପୂଜା ପାଉଥିଲେ ଦେବୀ କଟକଚଣ୍ଡୀ ଏବଂ ସାକ୍ଷୀଗୋପାଳ । ପୂର୍ବର ବାରବାଟୀ ଦୁର୍ଗ ବର୍ତ୍ତମାନ ଆଉ ନାହିଁ । ଯେତିକି ମାତ୍ର ଧ୍ୱଂସାବଶେଷ ରହିଛି, ସେଥିରେ ଦୁର୍ଗର ଚାରିପାଖରେ ପୋତିହୋଇ ପଡିଥିବା ପରିଖା, ପୂର୍ବପାର୍ଶ୍ୱର ପ୍ରବେଶଦ୍ୱାର, ଗୋଟିଏ ପୁଷ୍କରିଣୀ ଏବଂ ଅନ୍ୟ ଗୋଟିଏ ବୃହତ୍ ସ୍ତୂପ ଭିନ୍ନ କିଛି ହେଲେ ଦୃଷ୍ଟିରେ ପଡେନାହିଁ ।

## ୮.୬ ଶବ୍ଦାର୍ଥ

୧. କେତେକ ସୂଚନା :—

ନୀଳାଚଳ—ନୀଳ+ଅଚଳ=ନୀଳାଚଳ । ଏହାର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ନୀଳ ରଙ୍ଗର ପାହାଡ଼ । କିନ୍ତୁ ଶବ୍ଦଟିର ରୂଢ଼ି ଅର୍ଥ ହେଉଛି 'ପୁରୀଧାମ' ବା 'ଶ୍ରୀକ୍ଷେତ୍ର' । ପୁରାଣ ଓ କିମ୍ବଦନ୍ତୀ ଅନୁସାରେ ଏଠାରେ ପୂର୍ବେ ଏକ ନୀଳ ରଙ୍ଗର ଉଚ୍ଚ ପାହାଡ଼ ଥିଲା । ଏହା ଦେହରେ ଅବସ୍ଥିତ କୌଣସି ଏକ ଗୁମ୍ଫାରେ ବା ବୃକ୍ଷ ତଳେ ନୀଳମାଧବ (ଶ୍ରୀ ଜଗନ୍ନାଥଙ୍କ ପୂର୍ବ ରୂପ) ଶବରମାନଙ୍କ ଦ୍ୱାରା ପୂଜିତ ହେଉଥିଲେ । ବିଶ୍ୱାବସୁ ଥିଲେ ଏହି ଶବରମାନଙ୍କର ରାଜା । କାଳକ୍ରମେ ଏହି ପର୍ବତ କ୍ଷୟପ୍ରାପ୍ତ ହୋଇଯାଇଛି । ବର୍ତ୍ତମାନ ପୁରୀରେ ଥିବା ବଡ଼ ମନ୍ଦିର ଯେଉଁ ସ୍ଥାନରେ ନିର୍ମିତ ହୋଇଅଛି, ତାହା ପୁରୀର ଅନ୍ୟ ସ୍ଥାନଠାରୁ ଯଥେଷ୍ଟ ଉଚ୍ଚ । ତେଣୁ ସେଠାରେ ପୂର୍ବେ ପର୍ବତ ଥିବା ଅନୁମେୟ ।

ବାରାଣସୀ—ଯେଉଁ କ୍ଷେତ୍ର ପୁନର୍ଜନ୍ମ ବାରଣକରେ ଅର୍ଥାତ୍ ଯେଉଁ ପୁଣ୍ୟ କ୍ଷେତ୍ରରେ ବାସକଲେ ପୁନର୍ଜନ୍ମ ନ ହୋଇ ମୁକ୍ତି ମିଳେ । ଉତ୍ତର ପ୍ରଦେଶର ପ୍ରଧାନ ଶିବତୀର୍ଥ କାଶୀ ବା ଆଧୁନିକ ବନାରସର ଅନ୍ୟନାମ ବାରାଣସୀ । କଟକ ନିକଟସ୍ଥ ବିଡାନାସୀ ପୂର୍ବେ ବାରାଣସୀ ଭାବରେ ମଧ୍ୟ ଅଭିହିତ ଥିଲା । ଏହା ଥିଲା ଏକ ଶୈବପୀଠ ।

ଆଫ୍‌ଗାନ୍—ଆଫଗାନିସ୍ଥାନର ଅଧିବାସୀ, ମୁସଲମାନ ।

ଧ୍ରୁବତାରା—ଆକାଶର ଉତ୍ତର ଦିଗରେ ସ୍ଥିର ଉଜ୍ଜ୍ୱଳ ନକ୍ଷତ୍ର । ଏହାକୁ ଲକ୍ଷ୍ୟ କରି ପୂର୍ବେ ନାବ ଓ ଜାହାଜମାନ ଦିଗ ନିର୍ଣ୍ଣୟ କରୁଥିଲେ । ତେଣୁ 'ଧ୍ରୁବତାରା' ଯୁଗ୍ମଶବ୍ଦ ଲକ୍ଷ୍ୟନିର୍ଦ୍ଧାରକ ଆଦର୍ଶବସ୍ତୁ, ସ୍ଥାନ ଓ ବ୍ୟକ୍ତିମାନଙ୍କର ପ୍ରତୀକ ଭାବରେ ବ୍ୟବହୃତ ହୋଇଥାଏ ।

ଲାଲବାଗ—ବର୍ତ୍ତମାନ କଟକର ଯେଉଁଠି ହାଇକୋର୍ଟ ଓ ଶିଶୁଭବନ ଆଦି ଅଛି । ମୋଗଲ ସୁବେଦାର ଲାଲବେଗଙ୍କ ନାମାନୁସାରେ ସ୍ଥାନଟି ନାମିତ ହୋଇଅଛି । ଏଠାରେ ପୂର୍ବେ ମୋଗଲ ଶାସକମାନେ ଅବସ୍ଥାନ କରୁଥିଲେ ।

କୁମାରିକା—ଭାରତର ଦକ୍ଷିଣ ସୀମାରେ ଥିବା ଅନ୍ତରୀପର ନାମ ।

୨. ପାଠରେ ବ୍ୟବହୃତ କଠିନ ଶବ୍ଦାବଳୀର ଅର୍ଥ :—

**ସୁପ୍ରସିଦ୍ଧ**—ସୁବିଖ୍ୟାତ, ସୁନାମ ଲାଭ କରିଥିବା ।

**ଗୌରବ**—ମର୍ଯ୍ୟାଦା, ମହିମା, ଗୁରୁତ୍ୱ ।

**କୀର୍ତ୍ତି**—ଯଶ ।

**ଅବଦାନ**—ମହତ୍‌ଦାନ ।

**ଅତୁଳନୀୟ**—ଯାହାର ତୁଳନା ନାହିଁ ।

**ଅପେକ୍ଷାକୃତ**—ତୁଳନାତ୍ମକ ଭାବରେ ।

**ନୃପତି**—ରାଜା ।

**ଆଦିମ**—ପ୍ରଥମ, ଆଦ୍ୟ ।

**ନରପତି**—ରାଜା ।

**ପରମ**—ବିଶେଷ, ଉତ୍କୃଷ୍ଟ । **ଆଶଙ୍କା**—ଭୟ ।

**ନିର୍ମାଣ**—ତିଆରି । **ନିୟୋଜିତ**—ନିଯୁକ୍ତ । **କାଳ**—ସମୟ ।

**ବିକାଶ**—ଉନ୍ନତି, ପ୍ରକାଶ । **ଧର୍ମକାର୍ଯ୍ୟ**—ମହତ୍ କର୍ମ, ପୁଣ୍ୟକାର୍ଯ୍ୟ ।

**ବହିଃଶତ୍ରୁ**—ବାହାରର ବା ବିଦେଶୀ ଶତ୍ରୁ । **ଆକ୍ରମଣ**—ଚଢ଼ାଉ ।

**ଶିଳ୍ପକଳା**—କାରିଗରୀ ବିଦ୍ୟା, କାରୁକାର୍ଯ୍ୟ । **ପବିତ୍ର**—ବିଶୁଦ୍ଧ ।

**ମନୋନିବେଶ**—ମନଦେବା, ଆଗ୍ରହ ପ୍ରକାଶ କରିବା ।

**ପଶ୍ଚିମ**—ଶେଷ ।

**ଏକାମ୍ରକାନନ**—ଭୁବନେଶ୍ୱର ତୀର୍ଥ ।

**ତଦାନୀନ୍ତନ**—ସେ କାଳର, ତତ୍କାଳୀନ । **ସାକ୍ଷାତ**—ଦେଖା ।

**ପରାକ୍ରମୀ**—ଶକ୍ତିଶାଳୀ ।

**ରାଜ୍ୟର ଅନ୍ତର୍ଭୁକ୍ତ**—ରାଜ୍ୟରେ ଯୁକ୍ତ ।

**ରଙ୍ଗସ୍ଥଳୀ**—ଲୀଳାକ୍ଷେତ୍ର, କ୍ରୀଡ଼ାକ୍ଷେତ୍ର ।

**ଲାଳିତପାଳିତ ହୋଇଛନ୍ତି**—ଆଦର ଯତ୍ନ ବା ସେବା ଯତ୍ନ ଲାଭ କରିଛନ୍ତି ।

**ସଂଘଟିତ ହୋଇ**—ଘଟି, କାର୍ଯ୍ୟକାରୀ ହୋଇ ।

**ଭାଗ୍ୟଶ୍ରୀ**—ଭାଗ୍ୟଲକ୍ଷ୍ମୀ । **ନିର୍ଭର**—ଆଶ୍ରୟ ।

**ସୁପ୍ରଶସ୍ତ**—ଅଧିକ ଚଉଡ଼ା । **ବେଷ୍ଟିତ**—ଆବୃତ, ବେଢ଼ିରହି ।

**ପ୍ରତିରୋଧ**—ଅବରୋଧ, ନିବାରଣ ।

**ସେନାନୀ**—ସେନାପତି, ସେନାଧ୍ୟକ୍ଷ ।

**ଲକ୍ଷ୍ୟସ୍ଥଳ**—କର୍ମ କ୍ଷେତ୍ର, ଉଦ୍ଦିଷ୍ଟ ସ୍ଥାନ ।

**ବୃନ୍ଦ**—ସମୂହ । **ମାନସ ଚକ୍ଷୁରେ**—କଳ୍ପନା ଦୃଷ୍ଟିରେ ।

**ଅବଲୋକନ କରି**—ଦେଖି, ନିରୀକ୍ଷଣ କରି ।

**ଗତିବିଧି**—ଜୀବନଯାତ୍ରା, କାର୍ଯ୍ୟକଳାପ ।

**ନିର୍ଣ୍ଣୟ**—ସ୍ଥିର, ନିର୍ଦ୍ଧାରଣ ।

**ଅମୂଲ୍ୟ**—ବହୁମୂଲ୍ୟବାନ ।

**ପରମ**—ଶ୍ରେଷ୍ଠ । **ସର୍ପର ମଣି**—ସର୍ପ ମସ୍ତକର ଉଜ୍ଜ୍ୱଳ ପଦାର୍ଥ ।

**ପାରିଜାତ**—ସ୍ୱର୍ଗପୁଷ୍ପ ।

**ଆଶ୍ରୟସ୍ଥଳ**—ରକ୍ଷାକ୍ଷେତ୍ର, ବାସସ୍ଥଳୀ ।

**ସାମନ୍ତ**—ଅଧୀନସ୍ଥ ରାଜା ।

**ଯାତ୍ରାକରି**—ଯାଇ, ଗମନ କରି ।

**ପଶ୍ଚାଦ୍‌ଭାଗରେ**—ପଛପଟରେ ।

**ଅଧିଷ୍ଠିତ**—ପ୍ରତିଷ୍ଠିତ, ଉପସ୍ଥିତ ।

**ନବତଳ**—ନଅ ମହଲା ବିଶିଷ୍ଟ ।

ପ୍ରାସାଦ—କୋଠାଘର ।

ତନ୍ମଧ୍ୟରେ—ତାହାରି ଭିତରେ ।

ଅଧିକାରଭୁକ୍ତ—ଆୟତ୍ତାଧୀନ ।

ବିଳାସ ଭବନ—ଆମୋଦ ପ୍ରମୋଦ ପାଇଁ ଭବନ ବା ଗୃହ ।

ସୁରମ୍ୟ—ଅତି ସୁନ୍ଦର ।

ତତ୍କାଳୀନ—ସେ କାଳର ।

ବିଦ୍ରୋହାଚରଣ କରି—ବିରୁଦ୍ଧରେ କାର୍ଯ୍ୟକରି, ବିରୋଧ ବା ପ୍ରତିବାଦ କରି ।

ତୂଳିତଳ୍ପ ଶଯ୍ୟା—ତୁଳାରେ ତିଆରି ସୁକୋମଳ ଶଯ୍ୟା ।

ମହାନନ୍ଦରେ—ଅତି ଆନନ୍ଦରେ ।

ଅଟ୍ଟାଳିକା—କୋଠାଘର ।

ଅରଣ୍ୟପ୍ରାୟ—ବଣ, ଜଙ୍ଗଲ ପରି ବା ସଦୃଶ ।

ହିଂସ୍ର ସଂକୁଳ—ଜୀବନ ନାଶକାରୀ ପ୍ରାଣୀରେ ପୂର୍ଣ୍ଣ ।

ହସ୍ତଗତ ହେଲା—ଅଧୀନସ୍ଥ ହେଲା ।

ଶୀର୍ଷସ୍ଥାନ—ସର୍ବୋଚ୍ଚ ସ୍ଥାନ, ଶ୍ରେଷ୍ଠ ସ୍ଥାନ ।

ସାଙ୍ଗକଲେ—ଶେଷ କଲେ, ସମାପ୍ତ କଲେ, ।

ଇହଲୀଳା—ସଂସାର ଲୀଳା, ସାଂସାରିକ ଜୀବନ ଯାତ୍ରା ।

ଇହଲୀଳା ସାଙ୍ଗକଲେ—ମୃତ୍ୟୁବରଣ କଲେ ।

କାଳେ କାଳେ—ଯୁଗେ ଯୁଗେ, ସବୁସମୟରେ, ଚିରକାଳ ଧରି ।

ନଶ୍ୱର—ମରଣଶୀଳ, କ୍ଷୟଶୀଳ ।

ଗରିମା—ଗର୍ବ, ଦମ୍ଭ ।

ଲୀଳା—ଅଭିନୟ, ବିଳାସ, ନୃତ୍ୟ ।

ତଳ—ମହଲା, ସ୍ତର ।

ଉଦ୍ଦିଷ୍ଟ ଥିଲା—ନିର୍ଦ୍ଦିଷ୍ଟ ଥିଲା ।

ଯୁଦ୍ଧୋପକରଣମାନ—ଯୁଦ୍ଧରେ ବ୍ୟବହୃତ ସାମଗ୍ରୀ ସବୁ, ହାତହତିଆର, ଯୁଦ୍ଧର ସାଜ ସରଞ୍ଜାମଗୁଡ଼ିକ ।

ଦୁର୍ଗରକ୍ଷକ—ଦୁର୍ଗର ରକ୍ଷାକାରୀ, ଦୁର୍ଗର ପ୍ରତିରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ।

ପ୍ରହରୀ—ପହରାବାଲା, ଚୌକିଦାର, ଜଗୁଆଳୀ ।

ଆଜ୍ଞାବାହକ—ଆଦେଶ ପାଳନକାରୀ, ଦୂତ ।

କୁଶଳୀ—ସୁଦକ୍ଷ, ଅଭିଜ୍ଞ ।

ଶିଳ୍ପୀ—କାରିଗର ।

ରନ୍ଧନଶାଳା—ରୋଷେଇଶାଳ, ରୋଷେଇଘର ବା ରୋଷଘର ।

ଆଗନ୍ତୁକ—ଅତିଥି, ଅଭ୍ୟାଗତ ।

ଦରବାର—ରାଜସଭା ।

ଅନ୍ତଃପୁର—ରମଣୀମହଲ, ନାରୀମହଲ; ସ୍ତ୍ରୀଲୋକମାନେ ଘରର ଯେଉଁ ଅଂଶରେ ରହନ୍ତି, ଅନ୍ଦରମହଲ ।

ଶୟନାଗାର—ଶୋଇବାଘର, ଶୟନକକ୍ଷ ।

ଶତାବ୍ଦୀ—ଶହେ ବର୍ଷର ସମୟ, ଶହେ ବର୍ଷ ବ୍ୟାପୀ କାଳ ।

ଲୁପ୍ତ—ନଷ୍ଟ ହୋଇଯାଇଛି, ନିଶ୍ଚିହ୍ନ ହୋଇଯାଇଅଛି ।

ଭଗ୍ନାବଶେଷ—ଅବଶିଷ୍ଟ ଭଙ୍ଗାରୁଜା ଅଂଶ, ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ପୂର୍ବରୁ ବାକୀ ରହିଯାଇଥିବା ଭଙ୍ଗାତୁଟା ଅଂଶ ।

ପରିଖା—ଗଡଖାଇ, ଗଡ଼ ଚାରିପାଖରେ ଖୋଦିତ ଜଳପୂର୍ଣ୍ଣ ଗଭୀର କେନାଲ ।

ସ୍ତୂପ—ବୃହତ ଗଦା, ବଡ କୁଦ, ବହୁ ଉଚ୍ଚ କୁଦ ।

ଦୃଷ୍ଟିଗୋଚର—ଆଖିରେ ପଡ଼ିବା, ଦେଖାଯିବା ।

ପ୍ରସ୍ତର ପ୍ରାଚୀର—ପଥର ପାଚେରୀ ।

ଆୟତାକାର—ଆୟତକ୍ଷେତ୍ର ଆକୃତିର, ଯେଉଁ କ୍ଷେତ୍ରର ଲମ୍ବ ଲମ୍ବ ସହିତ ଓ ଚଉଡ଼ା ଚଉଡ଼ା ସହିତ ସମାନ ଓ ପ୍ରତି କୋଣ ଏକ ଏକ ସମକୋଣ ।

ବର୍ଗକ୍ଷେତ୍ରାକାର—ବର୍ଗକ୍ଷେତ୍ର ଆକୃତିର, ଯେଉଁ କ୍ଷେତ୍ରର ଲମ୍ବ ଓ ଚଉଡ଼ା ପରସ୍ପର ସମାନ । (ପ୍ରତି କୋଣ ସମକୋଣ)

ତୋପ—କମାଣ । ପ୍ରାକାର—ପ୍ରାଚୀର ।

ଅବସ୍ଥାନ କରିବା—ରହିବା, ବାସ କରିବା ।

ଚରମ ସୀମା—ଶେଷ ସୀମା, ଶେଷ ପର୍ଯ୍ୟାୟ ।

ପଦାର୍ପଣ କରିବା—ପହଞ୍ଚିବା, ପାଦଦେବା, ଉପସ୍ଥିତ ହେବା ।

ଶରଦ ଚନ୍ଦ୍ରମା—ଶରତ ଋତୁର ଚନ୍ଦ୍ର । ଚିର—ସର୍ବଦା, ଅନବରତ ।

ରଜତାଚ୍ଛାଦିତ—ରୂପାରେ ଛାଉଣି ହୋଇଥିବା, ରୂପାରେ ଆବୃତ୍ତ ହୋଇଥିବା ।

ଚିତ୍ରୋତ୍ପଳା—ମହାନଦୀ । ସଗର୍ବରେ—ଗର୍ବର ସହିତ, ଅହଙ୍କାରପୂର୍ଣ୍ଣ ଭାବରେ ।

ସ୍ୱମୁଖ—ନିଜ ମୁଖ । ନିରୀକ୍ଷଣ—ଭଲରୂପେ ଦର୍ଶନ ।

ନଗର—ବଡ଼ ସହର । ରଣୋନ୍ମତ୍ତ—ଯୁଦ୍ଧରେ ଉନ୍ମାଦିତ ବା ଉତ୍ତେଜିତ ।

ରାଜପଣ—ରାଜତ୍ୱ, ଶାସନ । ପ୍ରେରଣା—ଉତ୍ତେଜନା, ନିର୍ଦ୍ଦେଶ ।

ଅସୀମ ତେଜ—ଅକଳନୀୟ ଶକ୍ତି । ଅମିତ—ଅସୀମ ।

ସଞ୍ଚାର କରୁଥିଲା—ସୃଷ୍ଟି କରୁଥିଲା । ଭୂଖଣ୍ଡ—ପୃଥିବୀ ବା ବସୁଧାର ଅଂଶ ।

ଯୁଦ୍ଧପ୍ରିୟ—ଯୁଦ୍ଧ ପ୍ରତି ଆଦର, ଯୁଦ୍ଧରେ ଆସକ୍ତ । ତେଜ—ଶକ୍ତି, ବୀରତ୍ୱ ।

କୁଟିଳ—ଜଟିଳ, ବକ୍ର । ପ୍ରଶାନ୍ତ—ଶାନ୍ତିପୂର୍ଣ୍ଣ, ଗୋଳମାଳ ବା ଭୟ, ବିପଦଶୂନ୍ୟ ।

ରୂପାନ୍ତରିତ ହୋଇ—ରୂପ ବଦଳାଇ, ପରିବର୍ତ୍ତିତ ହୋଇ ।

ଅନ୍ତର୍ବିବାଦ—ନିଜ ନିଜ ମଧ୍ୟରେ ଝଗଡ଼ା, ଗୃହ ବିବାଦ, ଘର କଳି ।

ଲୋମହର୍ଷଣକାରୀ—ରୋମାଞ୍ଚ ସୃଷ୍ଟିକାରୀ, ଯେଉଁ ଘଟଣାରେ ଲୋମ ଟାଙ୍କୁରିଉଠେ ।

ଅବଶେଷରେ—ପରିଶେଷରେ, ସର୍ବଶେଷରେ ।

କାରାଗାର—ବନ୍ଦୀଗୃହ, ବନ୍ଦୀ ବା କଏଦୀ ରହିବା ଗୃହ, ଜେଲ ।

ସୁଜଳା—ଜଳଭରା । ସୁଫଳା—ଫଳଭରା ।

ଶସ୍ୟ ଶ୍ୟାମଳା—ଶସ୍ୟରେ ଶ୍ୟାମଳବର୍ଣ୍ଣ ଧାରଣ କରିଥିବା ।

ପ୍ରତିଧ୍ୱନିତ—ମୁଖରିତ, ଶବ୍ଦାୟିତ ।

ନିର୍ମାଣ ବିଭାଗ—କାରିଗରୀ ବିଭାଗ, ପୂର୍ତ୍ତ ବିଭାଗ ।

## ୮.୨ ପଠନ ଅଭ୍ୟାସ

୧. ସଂକ୍ଷେପରେ ଗୋଟିଏ କିମ୍ବା ଦୁଇଟି ଲେଖାଏଁ ବାକ୍ୟରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର କରନ୍ତୁ । ମନେରଖନ୍ତୁ, ସମୁଦାୟ ପାଠଟିକୁ ଯତ୍ନ ସହକାରେ ଅଧ୍ୟୟନ କଲେ ଅତି ସହଜରେ ଉତ୍ତର ଦେଇପାରିବେ ।

(କ) ମୁସଲମାନମାନଙ୍କୁ ପରାସ୍ତ କରି କେଉଁମାନେ ଓଡ଼ିଶା ଅଧିକାର କରିଥିଲେ ଓ ବାରବାଟୀକୁ ସେମାନଙ୍କର ରାଜଧାନୀ ରୂପେ ବାଛିଥିଲେ ?

(ଖ) କେଉଁ ରାଜାଙ୍କ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା ଏବଂ ମୁସଲମାନମାନେ ଓଡ଼ିଶା ଅଧିକାର କଲେ ?

(ଗ) ବାରବାଟୀ ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କେଉଁ ରାଜାଙ୍କ କୀର୍ତ୍ତି ।

(ଘ) ବିଡ଼ାନାସୀ ପୂର୍ବେ କେଉଁ ନାମରେ ପରିଚିତ ଥିଲା ?

(ଙ) ଇଂରେଜ ଶାସନ କାଳରେ ବାରବାଟୀ ଦୁର୍ଗର କି ପ୍ରକାର ଧ୍ୱଂସ ସାଧିତ ହୋଇଥିଲା ?

୨. ନିମ୍ନରେ 'ଏକ' ଓ 'ଦୁଇ' ନାମରେ ଦୁଇଟି ସ୍ତମ୍ଭ ରହିଛି । ପ୍ରତି ସ୍ତମ୍ଭରେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ଉଭୟ ସ୍ତମ୍ଭରୁ ପରସ୍ପର ସମ୍ପର୍କ ଥିବା ଗୋଟିଏ ଗୋଟିଏ ଶବ୍ଦ ବାଛି ଶବ୍ଦଯୋଡ଼ି ଗଠନ କରନ୍ତୁ ।

| ସ୍ତମ୍ଭ 'ଏକ' | ସ୍ତମ୍ଭ 'ଦୁଇ' |
|---|---|
| ମୁକ୍ତ | ଦୁର୍ଗ |
| ଦୂର | ପ୍ରାସାଦ |
| ଭଗ୍ନ | ନରପତି |
| ସୁରମ୍ୟ | ବିଶ୍ୱବିଦ୍ୟାଳୟ |
| ପ୍ରତାପୀ | ସ୍ତୂପ |
| ଧ୍ୱଂସ | ଦର୍ଶନ |
| ଗଭୀର | ପରିଖା |
| ଉଚ୍ଚ | ଉନ୍ନତି |
| ସୁରକ୍ଷିତ | ପ୍ରାଚୀର |
| ଚରମ | ରାଜଧାନୀ |

୩. ନିଜ ପାଠରୁ ଉପଯୁକ୍ତ ବାକ୍ୟାଂଶ ଖୋଜିଆଣି ନିମ୍ନରେ ଦିଆଯାଇଥିବା ବାକ୍ୟାଂଶଗୁଡ଼ିକୁ ପୂର୍ଣ୍ଣବାକ୍ୟରେ ପରିଣତ କରନ୍ତୁ ।

(କ) ଉତ୍କଳ ଇତିହାସରେ ବାରବାଟୀ ଏକ —

(ଖ) ଓଡ଼ିଶାର ନଗରମାନଙ୍କ ମଧ୍ୟରେ କଟକ —

(ଗ) ସେ କାଳରେ ରାଜାମାନେ ପରମ ଶାନ୍ତିରେ —

(ଘ) ସାଧାରଣତଃ ଶିଳ୍ପକଳାଦିର ବିକାଶ ଘଟେ —

(ଙ) — ସହିତ ଶ୍ରୀଚୈତନ୍ୟଙ୍କର ସାକ୍ଷାତ ହୋଇଥିଲା

(ଚ) — ବାରବାଟୀ ଦୁର୍ଗ ମଧ୍ୟରେ ଗୋଟିଏ ପ୍ରକାଣ୍ଡ ନବତଳ ପ୍ରାସାଦ ନିର୍ମାଣ କରାଇଥିଲେ ।

(ଛ) — ପ୍ରସିଦ୍ଧ ବାରବାଟୀ — ପରିଣତ ହୋଇଥିଲା ।

୪. ନିବନ୍ଧରେ ବ୍ୟବହୃତ କେଉଁ କେଉଁ ଶବ୍ଦର ଅର୍ଥ ନିମ୍ନରେ ଉଲ୍ଲେଖ କରାଯାଇଛି ?

ରେଷେଇଘର, ପ୍ରାଚୀର, ମୁଖରିତ, ବକ୍ର, ସୁନ୍ଦର, ମହତ୍‌ଦାନ, ବନ୍ଦୀଗୃହ, ଅକଳନୀୟ ଶକ୍ତି ।

୫. ନିମ୍ନ ଶବ୍ଦଗୁଡ଼ିକୁ ସଂଶୋଧନ କରି ଲେଖନ୍ତୁ ।

ଚିତ୍ରୋତ୍ପଳା, ନୀରିକ୍ଷଣ, ଅର୍ନ୍ତବିବାଦ, ଶତାବ୍ଦୀ, ମୁଦ୍ଧପୋକରଣ, ସାସାଂରିକ, ହିସ୍ରଂ ।

## ୮.୭ର ଉତ୍ତର ସୂଚନା

୧. (କ) ମୁସଲମାନମାନଙ୍କୁ ପରାସ୍ତ କରି ମରହଟ୍ଟାମାନେ ଓଡିଶା ଅଧିକାର କରିଥିଲେ ଓ ବାରବାଟୀକୁ ସେମାନଙ୍କର ରାଜଧାନୀ ରୂପେ ବାଛିଥିଲେ ।

(ଖ) ମୁକୁନ୍ଦଦେବ [ ପୂର୍ଣ୍ଣବାକ୍ୟରେ ଆପଣ ନିଜେ ଉତ୍ତର କରନ୍ତୁ ]

(ଗ) ମୁକୁନ୍ଦଦେବ [ ,, ]

(ଘ) ବାରାଣସୀ [ ,, ]

(ଙ) ଇଂରେଜ ଶାସନକାଳରେ ନିର୍ମାଣ ବିଭାଗ ବାରବାଟୀ ଦୁର୍ଗର ପ୍ରସ୍ତରଗୁଡ଼ିକୁ ନେଇ ଡାକ୍ତରଖାନା, ବତୀଘର, ସରକାରୀ କୋଠାଘର ଓ ରାସ୍ତା ନିର୍ମାଣରେ ବ୍ୟବହାର କରି ବାରବାଟୀର ସମ୍ପୂର୍ଣ୍ଣ ଧ୍ୱଂସ ସାଧନ କରିଥିଲେ ।

୨. କେତେଗୋଟି ଶବ୍ଦଯୋଡ଼ି ଦେଖାଇ ଦିଆଯାଉଛି । ଅନ୍ୟଗୁଡ଼ିକୁ ଆପଣମାନେ ପାଠ ସଙ୍ଗେ ମିଳାଇ କରନ୍ତୁ ।

ମୁକ୍ତ-ବିଶ୍ୱବିଦ୍ୟାଳୟ, ଦୂର-ଦର୍ଶନ, ଭଗ୍ନ-ଦୁର୍ଗ, ସୁରମ୍ୟ-ପ୍ରାସାଦ, ପ୍ରତାପୀ-ନରପତି ।

୩. (କ) ପ୍ରଧାନ କୀର୍ତ୍ତି ।

(ଖ) ଅପେକ୍ଷାକୃତ ନୂତନ ।

(ଗ) ରାଜପଣ କରୁଥିଲେ ଓ ଯାଗଯଜ୍ଞ, ମନ୍ଦିର ନିର୍ମାଣ ପ୍ରଭୃତି **ଧର୍ମକାର୍ଯ୍ୟରେ ଆପଣାକୁ** ନିୟୋଜିତ କରୁଥିଲେ ।

(ଘ) ଶାନ୍ତିପୂର୍ଣ୍ଣ କାଳରେ ।

[ ଅବଶିଷ୍ଟ ପାଠ ସଙ୍ଗେ ମିଳାଇ ଆପଣ ନିଜେ କରନ୍ତୁ ]

୪. ଶବ୍ଦାର୍ଥ **(Glossary)**ରୁ ଏଗୁଡ଼ିକର ମୂଳଶବ୍ଦମାନ ପାଇପାରିବେ ।

୫. ସମ୍ପୂର୍ଣ୍ଣ ପାଠରେ ଠିକ୍ ଶବ୍ଦମାନ ରହିଛି । ଭଲ ରୂପେ ପଢ଼ି ସଂଶୋଧନ କରନ୍ତୁ ।

## ୮.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧. (କ) କେଶରୀ ବଂଶର ପ୍ରଥମ ରାଜାମାନେ ଓଡ଼ିଶାର ଯାଜପୁର, ପୁରୀ ଓ ଭୁବନେଶ୍ୱର ଠାରେ କ୍ରମାନ୍ୱୟରେ ରାଜଧାନୀ ପ୍ରତିଷ୍ଠା କରିଥିଲେ ।

(ଖ) ଆଦି କେଶରୀ ବଂଶୀୟ ରାଜାମାନେ, ଶାନ୍ତିରେ ରାଜତ୍ୱ କରିବା ସଙ୍ଗେ ସଙ୍ଗେ ଯାଗଯଜ୍ଞ, ମନ୍ଦିର ନିର୍ମାଣ ପ୍ରଭୃତି ମହତ କର୍ମରେ ନିଜ ନିଜକୁ ନିୟୋଜିତ କରିଥିଲେ ।

(ଗ) କେଶରୀ ବଂଶର ରାଜାମାନେ ପ୍ରଥମ ପର୍ଯ୍ୟାୟରେ ସୁଦୃଢ଼ ଦୁର୍ଗ ନିର୍ମାଣ ପାଇଁ ମନ ବଳାଇ ନଥିଲେ, କାରଣ ସେତେବେଳେ ଦେଶ ଭିତରେ ବା ବାହାରେ ଯୁଦ୍ଧର ବିଶେଷ ଆଶଙ୍କା ନଥିଲା । ସେମାନେ ଶାନ୍ତିରେ ରାଜ୍ୟ ଶାସନ କରୁଥିଲେ ।

(ଘ) ଦଶମ ଶତାବ୍ଦୀରେ କଟକ ନଗର କେଶରୀ ବଂଶର ରାଜା ନୃପକେଶରୀଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ।

(ଙ) ନୃପକେଶରୀ ବିଦ୍ୟାନାସୀଠାରେ ଦୁର୍ଗ ନିର୍ମାଣ କରାଇଥିଲେ ।

(ଚ) କଟକ ଓ ବିଦ୍ୟାନାସୀ ପୂର୍ବେ 'କଟକ ବାରଣସୀ' ନାମରେ ଅଭିହିତ ଥିଲା ।

(ଛ) ରାଜା ପୁରୁଷୋତ୍ତମଦେବ ବାରବାଟୀ ଦୁର୍ଗଠାରେ ରାଜଧାନୀ ସ୍ଥାପନ କରିଥିଲେ ।

(ଜ) ଗଙ୍ଗ ବଂଶର ପଞ୍ଚମ ନରପତି ଅନଙ୍ଗଭୀମଦେବ ବାରବାଟୀ ଦୁର୍ଗ ନିର୍ମାଣ କରାଇଥିଲେ ।

୨. (କ) ନୃପକେଶରୀ (ଖ) ଶାନ୍ତିପୂର୍ଣ୍ଣ (ଗ) ଗଙ୍ଗ, ଦାକ୍ଷିଣାତ୍ୟ (ଘ) ଦଶମ (ଙ) ଅନଙ୍ଗଭୀମଦେବ (ଚ) କଟକ, ବିଦ୍ୟାନାସୀ (ଛ) ଯାଜପୁର

**୮.୨.୨ର ଉତ୍ତର**

୧. ଶିଳ୍ପକଳା+ଆଦି, ମନଃ+ନିବେଶ, ନୀଳ+ଅଚଳ, ପ୍ରଥମ+ଅର୍ଦ୍ଧ ।

୨. ବିଶେଷ୍ୟପଦଗୁଡ଼ିକ—କୀର୍ତ୍ତି, ସାଗର, ଦୁର୍ଗ, କଟକ ।

ବିଶେଷଣପଦଗୁଡ଼ିକ—ପ୍ରଧାନ, ଅତୁଳନୀୟ, ଅନନ୍ତ, ପବିତ୍ର, ସୁଦୃଢ଼, ଆଦିମ ।

୩. ଅପକୀର୍ତ୍ତି, ପୁରାତନ, ଅଧର୍ମ, ଅଶାନ୍ତି, ପର, ଅନିଶ୍ଚିତ, ପରବର୍ତ୍ତୀ ।

୪. ଓ, ଏବଂ, ବା, ତେଣୁ, କିନ୍ତୁ ।

୫. ଉତ୍କଳର ଇତିହାସ—ଷଷ୍ଠୀ ତତ୍ପୁରୁଷ ।

ଚିର କାଳ ଅଟେ ବସନ୍ତ—କର୍ମ ଧାରୟ ।

ପୁରାଣରେ ପ୍ରସିଦ୍ଧ—ସପ୍ତମୀ ତତ୍ପୁରୁଷ ।

ଯାଗ ଓ ଯଜ୍ଞ—ଦ୍ୱନ୍ଦ୍ୱ ।

ଶିଳ୍ପ ଓ କଳା—ଦ୍ୱନ୍ଦ୍ୱ ।

ଶିଳ୍ପ ରୂପକ କଳା—ରୂପକ କର୍ମଧାରୟ ।

ବାରବାଟୀ ନାମକ ଦୁର୍ଗ—ମଧ୍ୟପଦଲୋପୀ କର୍ମଧାରୟ ।

୬. ଉତ୍କଳ, ଆକ୍ରମଣ, ନିର୍ବାଚନ, ସୁରକ୍ଷିତ, ରାଜଧାନୀ, ଭୁବନେଶ୍ୱର, କ୍ରମାନ୍ୱୟ ।

## ୮.୩.୧ର ଉତ୍ତର

୧. (କ) ପୁରୁଷୋତ୍ତମଦେବ କାଞ୍ଚି ଜୟକରି କାଞ୍ଚିଜେମା ପଦ୍ମାବତୀଙ୍କ ସହ କାଞ୍ଚିର ସାକ୍ଷୀଗୋପାଳ ଓ ଗଣେଶ ମୂର୍ତ୍ତି ଦ୍ୱୟ ଘେନି ଆସିଥିଲେ ।

(ଖ) ପ୍ରତାପରୁଦ୍ରଦେବଙ୍କ ସମୟରେ ତାଙ୍କର ରାଜଧାନୀ ଥିଲା ବାରବାଟୀ ।

(ଗ) ମୁକୁନ୍ଦଦେବ ବାରବାଟୀ ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କରାଇଥିଲେ ।

(ଘ) ରାଜା ନିଜେ ନବତଳ ପ୍ରାସାଦର ନବମତଳରେ ଶୟନ କରୁଥିଲେ ।

(ଙ) ଖୋରଧାର ରାଜା ରାମଚନ୍ଦ୍ରଦେବ ବାରବାଟୀ ଦୁର୍ଗ ମଧ୍ୟରେ ବନ୍ଦୀ ହୋଇଥିଲେ ।

୨. (କ) ମୁକୁନ୍ଦଦେବ । (ଖ) ଅଷ୍ଟମତଳ । (ଗ) ଇଂରେଜମାନେ, ୧୮୦୩ । (ଘ) ପୁରୁଷୋ-ତ୍ତମଦେବ । (ଙ) ଯୁଦ୍ଧୋପକରଣମାନ ।

୩. କାଞ୍ଚି-ସାକ୍ଷୀଗୋପାଳ; ଲାଲ୍‌ବାଗ-ଇଂରେଜ; ରାମଚନ୍ଦ୍ର-ଖୋରଧା; ରନ୍ଧନଶାଳା-ପଞ୍ଚମ-ତଳ; ତୃତୀୟ ନରସିଂହ-ଲାଙ୍ଗୁଳା ନରସିଂହ ।

୪. (କ) ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରିଥିଲେ ।

(ଖ) ପ୍ରତାପରୁଦ୍ରଦେବଙ୍କର ରାଜଧାନୀ ଥିଲା ବାରବାଟୀଠାରେ ।

(ଗ) ମୁକୁନ୍ଦଦେବ ବାରବାଟୀ ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କରାଇଥିଲେ ।

(ଘ) ରାମଚନ୍ଦ୍ରଦେବ ତତ୍କାଳୀନ ମୋଗଲ ଶାସକଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ ।

(ଙ) ନବତଳ ପ୍ରାସାଦର ୪ର୍ଥତଳ ବା ମହଲାରେ ଶିଳ୍ପୀମାନେ ରହୁଥିଲେ ।

୫. ଭୋଗଘର, ପ୍ରସାଦର ଅର୍ଥ ଦେବତାଙ୍କ ଭୋଗ ବା ଅନୁଗ୍ରହ ।

ତଳ ଅର୍ଥ ନିମ୍ନ ବା କୋଠାଘରର ମହଲା
କିନ୍ତୁ ତାଳ ଅର୍ଥ ସଙ୍ଗୀତ ଓ ବାଦ୍ୟର ତାଳ
ଏବଂ ଅନ୍ୟ ଅର୍ଥରେ ଏକ ଜାତୀୟ ବୃକ୍ଷ ଓ ତା'ର ଫଳକୁ ବୁଝାଏ ।

ଟେକ ଅର୍ଥ ମହତ୍ତ୍ୱ ବା ମର୍ଯ୍ୟାଦା
ମାତ୍ର ଟେକା ଅର୍ଥ ମୃତ୍ତିକା ବା ମାଟି ଖଣ୍ଡ ।

ପ୍ରଶସ୍ତ ଅର୍ଥ ଚଉଡ଼ା, ପ୍ରସାରିତ ବା ଉତ୍କୃଷ୍ଟ ମଧ୍ୟ
କିନ୍ତୁ ପ୍ରଶସ୍ତିର ଅର୍ଥ ପ୍ରଶଂସା ।

ଭବନର ଅର୍ଥ ଗୃହ
କିନ୍ତୁ ଭୁବନ କହିଲେ ବୁଝାଏ ଜଗତକୁ ।

## ୮.୩.୨ର ଉତ୍ତର

୧. ଶୟନ+ଆଗାର, ପୁରୁଷ+ଉତ୍ତମ, ଯୁଦ୍ଧ+ଉପକରଣ, କଥା+ଉପକଥନ, ମହା+ଆନନ୍ଦ, ବିଦ୍ରୋହ+ଆଚରଣ, ଖ୍ରୀଷ୍ଟ+ଅବ୍ଦ,

୨. ଅପ୍ରଶସ୍ତ ବା ସଂକୀର୍ଣ୍ଣ, ନର୍କ, ପରାଜୟ, ଅବନତି, ଅବିନଶ୍ୱର, ନିରାନନ୍ଦ ବା ବିଷାଦ, କ୍ଷୁଦ୍ର ।

୩. ପ୍ରାଧାନ୍ୟ—ବିଶେଷ୍ୟ, ସାମରିକ—ବିଶେଷଣ, ସଫଳ—ବିଶେଷଣ, ଭୀଷଣତା—ବିଶେଷ୍ୟ, ପ୍ରତାପ—ବିଶେଷ୍ୟ, ଉନ୍ନତ—ବିଶେଷଣ; ବୀର—ବିଶେଷଣ, ପାଶବିକ—ବିଶେଷଣ, ପରିବାର—ବିଶେଷ୍ୟ, ସ୍ୱର୍ଗୀୟ—ବିଶେଷଣ ।

୪. ଦୁର୍ଗରକ୍ଷକ, ଆଜ୍ଞାବାହକ, ବା ଆଦେଶ ବାହକ, ପାରିବାରିକ, ଅନ୍ତେବାସୀ, ବିଜୟୀ, ଇହଲୀଳା, ଯାତ୍ରୀ ବା ଯାତ୍ରାକାରୀ, ଶତାବ୍ଦୀ ।

୫. ରଙ୍ଗ—ବର୍ଣ୍ଣ, ନୃତ୍ୟ, ଅଭିନୟ ପରିହାସ, କୌତୁକ ।

କାଳ—ସମୟ, ମୃତ୍ୟୁ ।

ଯାତ୍ରା—ଗମନ, ବିଦେଶ ଯିବା, ଉତ୍ସବ, ଅଭିନୟ ।

ସାଙ୍ଗ—ସାଥୀ ବା ବନ୍ଧୁ, ଶେଷ ।

ନବ—ନୂଆ, ନଅ ସଂଖ୍ୟା ।

ତଳ—ନିମ୍ନ, ମହଲା, ମାଟିର ଉପରିଭାଗ ।

ବାସ—ବସ୍ତ୍ର, ଘର, ବାସନା ।

୬. ସ୍ନାନାଗାର, କାରାଗାର, ଅସ୍ତ୍ରାଗାର, ପାଠାଗାର ।

୭. ସୁମନୋହର, ସୁଦୃଢ଼, ସୁଗଭୀର, ସୁବାସ ।

## ୮.୪.୧ର ଉତ୍ତର

୧. (କ) ବହିଃଶତ୍ରୁମାନଙ୍କ ଆକ୍ରମଣ ଫଳରେ ବାରବାଟୀର ପ୍ରକୃତ ରୂପ ଏବେ ଦୃଷ୍ଟିଗୋଚର ହୁଏନାହିଁ ।

(ଖ) ବାରବାଟୀ ଦୁର୍ଗର ଚାରିପାଖର ପରିଖା, ପୂର୍ବପାର୍ଶ୍ୱରେ ଦ୍ୱାରଦେଶ, ଗୋଟିଏ ପୁଷ୍କରିଣୀ ଏବଂ ଗୋଟିଏ ବୃହତ୍ ସ୍ତୂପ ହେଉଛି ବର୍ତ୍ତମାନର ଧ୍ୱଂସାବଶେଷ ।

(ଗ) ବାରବାଟୀ ଦୁର୍ଗର ଦୁଇଟି ପ୍ରସ୍ତର ପ୍ରାଚୀର ଥିଲା ।

(ଘ) ବାରବାଟୀ ଦୁର୍ଗର ଚତୁଃପାର୍ଶ୍ୱରେ ବେଢ଼ି ରହିଥିବା ପରିଖାର ପ୍ରସ୍ଥ ଥିଲା ୨୨୦ ଫୁଟ ।

(ଙ) ମୁସଲମାନମାନଙ୍କ ରାଜତ୍ୱ କାଳରେ ବହୁ ଅନ୍ତର୍ବିବାଦ ଓ ଲୋମହର୍ଷଣକାରୀ ହତ୍ୟାକାଣ୍ଡମାନ ଘଟି ଅବଶେଷରେ ବାରବାଟୀ ଦୁର୍ଗ ରାଜାମାନଙ୍କର ପବିତ୍ର ଓ ପ୍ରଶାନ୍ତ ଭବନରୁ ଏକ ଲୋମହର୍ଷଣକାରୀ କାରାଗାରରେ ପରିଣତ ହୋଇଥିଲା ।

(ଚ) ନବତଳ ପ୍ରାସାଦର ଦକ୍ଷିଣରେ ଗୋଟିଏ ହିନ୍ଦୁ ମନ୍ଦିର ଥିଲା ଏବଂ ସେଠାରେ କଟକଚଣ୍ଡୀ ଓ ସାକ୍ଷୀଗୋପାଳ ଅବସ୍ଥାନ କରୁଥିଲେ ।

(ଛ) ଇଂରେଜ ଶାସନ କାଳରେ ବାରବାଟୀ ଧ୍ୱଂସ ସ୍ତୂପରେ ପରିଣତ ହେଲା ଏବଂ ଦୁର୍ଗର ପ୍ରସ୍ତରଗୁଡ଼ିକୁ ନେଇ ନିର୍ମାଣ ବିଭାଗ ଡାକ୍ତରଖାନା, ବଡ଼ାଘର, ସରକାରୀ, କୋଠାଘର ଓ ରାସ୍ତା ତିଆରିରେ ବ୍ୟବହାର କରିଥିଲେ ।

୨. (କ) ନିର୍ମାଣ ବିଭାଗ, (ଖ) ପୁଷ୍କରିଣୀ, ରାଣୀ । (ଗ) ୨୧୫୦ ଫୁଟ, ୧୮୦୦ ଫୁଟ, (ଘ) ଅଟ୍ଟାଳିକା, (ଙ) ପ୍ରାସାଦ ।

୩. ଗଡଖାଈ, ବୃହତ୍ ଗଦା ବା ଅତ୍ୟୁଚ୍ଚ କୁନ୍ଦ, କୋଠାଘର, ନଅମହଲା କୋଠାଘର, ଶେଷ ସୀମା ବା ଶେଷ ପର୍ଯ୍ୟାୟ, ଅସୀମ, ମର୍ଯ୍ୟାଦା ବା ମହିମା ।

## ୮.୪.୨ର ଉତ୍ତର

୧. କ୍ଷେତ୍ର+ଆକାର, ରଜତ+ଆଚ୍ଛାଦିତ, ଚିତ୍ର+ଉତ୍ପଳ (ସ୍ତ୍ରୀଲିଙ୍ଗରେ ଚିତ୍ରୋତ୍ପଳା) । ଅନ୍ତଃ+ବିବାଦ, କାରା+ଆଗାର, ଶାସନ+ଅଧୀନ, ଭଗ୍ନ+ଅବଶେଷ ।

୨. ନୀଚ, ଅପ୍ରକୃତ, ଅତୀତ, ପ୍ରସ୍ଥ, କୁଟୀର, ଗ୍ରାମ, ବାତୁଳ, ନବୀନ ।

୩. ଚିର—ସର୍ବଦା ବା ସବୁକାଳ ପାଇଁ, ପଶୁସ୍ତନ, ଯଥା ଗାଈର ଚିର ।
ବଂଶ—କୁଳ, ବାଉଁଶ । ପଶ୍ଚିମ—ଏକ ଦିଗର ନାମ, ଅନ୍ତିମ ବା ଶେଷ ।

୪. ଚିରବସନ୍ତ ଲୀଳାସ୍ଥଳୀ, ପୌରାଣିକ ବା ପୁରାଣପ୍ରସିଦ୍ଧ, ତତ୍କାଳୀନ, ଶାରଦ ଚନ୍ଦ୍ରମା, ଅନ୍ତର୍ବିବାଦ, ଲୋମହର୍ଷଣକାରୀ, ଶସ୍ୟଶ୍ୟାମଳ ।

୫. କୁଟିଳତା—ବିଶେଷ୍ୟ, ପ୍ରଶାନ୍ତି—ବିଶେଷ୍ୟ, ଲୋପ—ବିଶେଷ୍ୟ, ଉଚ୍ଚତା—ବିଶେଷ୍ୟ, ଶରତ ବା ଶରଦ—ବିଶେଷ୍ୟ, ପ୍ରସିଦ୍ଧି—ବିଶେଷ୍ୟ । ବଳବାନ୍—ବିଶେଷଣ, ଧୂଳିଆ—ବିଶେଷଣ, ଦୀର୍ଘ—ବିଶେଷଣ, ଉନ୍ନତ—ବିଶେଷଣ, ତେଜିୟାନ୍—ବିଶେଷଣ,

## ୮.୪.୩ର ଉତ୍ତର

୧. (କ) ବାରବାଟୀ ଦୁର୍ଗ କଟକ ନଗରୀରେ ଅବସ୍ଥିତ ବା ଅତୀତର 'କଟକ ବାରାଣସୀ' ନଗରୀରେ ଅବସ୍ଥିତ ।

(ଖ) ଏହା ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ନିର୍ମିତ ହୋଇଥିଲା ।

(ଗ) ଗଙ୍ଗବଂଶର ପଞ୍ଚମ ନରପତି ଅନଙ୍ଗ ଭୀମଦେବ ଏହାକୁ ନିର୍ମାଣ କରାଇଥିଲେ ।

(ଘ) ବହିଃଶତ୍ରୁମାନଙ୍କର ଆକ୍ରମଣର ଆଶଙ୍କା ବୃଦ୍ଧି ପାଇବାରୁ ରାଜାମାନେ ସୁଦୃଢ଼ ଦୁର୍ଗ ନିର୍ମାଣର ଆବଶ୍ୟକତା ଅନୁଭବ କଲେ ।

(ଙ) କେଶରୀ ବଂଶର ରାଜା ନୃପକେଶରୀ କଟକ ନଗର ସ୍ଥାପନ କରିଥିଲେ ।

(ଚ) ଶ୍ରୀ ଚୈତନ୍ୟ ବାରବାଟୀ ଦୁର୍ଗରେ ରାଜା ପ୍ରତାପରୁଦ୍ରଦେବଙ୍କ ସହିତ ସାକ୍ଷାତ କରିଥିଲେ ।

(ଛ) ବିଡାନାସୀ ଦୁର୍ଗ ରାଜା ନୃପକେଶରୀଙ୍କ କୀର୍ତ୍ତି ।

୨. (କ) ଗୌରବ, (ଖ) ସାଗର, (ଗ) ବାରଣସୀ, ପୃଥକ୍, (ଘ) ଚତୁର୍ଥ, (ଙ) ରଙ୍ଗସ୍ଥଳୀ, (ଚ) ଶତାବ୍ଦୀ, (ଛ) ଚରମ, ସଗର୍ବରେ ।

୩. ନବତଳ, ବିକାଶ, ପଶ୍ଚିମକାଳ, ପ୍ରାସାଦ, ଇହଲୀଳାସାଙ୍ଗ, ସୁରମ୍ୟ, ବିଳାସଭବନ, ତଦାନୀନ୍ତନ ।

୪. କୀର୍ତ୍ତି—ତାଜମହଲ ତତ୍କାଳୀନ ମୋଗଲ ସମ୍ରାଟ ସାହାଜାହାନଙ୍କର ଅମର କୀର୍ତ୍ତି ।

ଅବଦାନ—ମାନବ ସେବା ପାଇଁ ମଦର ଟେରେସାଙ୍କ ଅବଦାନ ସମଗ୍ର ବିଶ୍ୱରେ ଅତୁଳନୀୟ ।

ଅପେକ୍ଷାକୃତ—ଅପେକ୍ଷାକୃତ ଭାବେ କମ୍ ଖର୍ଚ୍ଚ ହେବ ଭାବି ସେମାନେ ଗୋଟିଏ ଛୋଟ ହୋଟେଲରେ ରହିଲେ ।

ସ୍ୱତନ୍ତ୍ର—ଭୋଜିସଭାରେ ସମ୍ଭ୍ରାନ୍ତ ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।

ତଦାନୀନ୍ତନ—ଗାଁ ଗହଳରେ ଏବେ ମଧ୍ୟ ଲୋକ ଅଛନ୍ତି, ଯେଉଁମାନେ କି ତଦାନୀନ୍ତନ ଇଂରେଜ ଶାସନକୁ ଉତ୍କୃଷ୍ଟ ବୋଲି ମତ ଦିଅନ୍ତି ।

ପ୍ରତିରୋଧ—ପ୍ରତିରୋଧ ଶକ୍ତି ନଥାଇ ଆକ୍ରମଣ କରିବା ନିର୍ବୋଧତା ଭିନ୍ନ ଅନ୍ୟ କିଛି ନୁହେଁ ।

ରଙ୍ଗସ୍ଥଳୀ—କବିବର ରାଧାନାଥ ଚିଲିକାକୁ ଇତିହାସର ରଙ୍ଗସ୍ଥଳୀ ଭାବେ ବର୍ଣ୍ଣନା ବାଢ଼ିଛନ୍ତି ।

୫. (କ) ପୂର୍ବେ କଟକ ସ୍ୱତନ୍ତ୍ର ନଗର ନଥିଲା ।

(ଖ) ଦଶମ ଶତାବ୍ଦୀରେ କଟକ ରାଜଧାନୀରେ ପରିଣତ ହେଲା ।

(ଗ) ମୁକୁନ୍ଦଦେବଙ୍କ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା ।

(ଘ) ପ୍ରାସାଦର ପଞ୍ଚମ ତଳରେ ରନ୍ଧନଶାଳା ଥିଲା ।

(ଙ) ନବତଳ ପ୍ରାସାଦର ଦକ୍ଷିଣରେ ଗୋଟିଏ ହିନ୍ଦୁ ମନ୍ଦିର ଥିଲା ।

(ଚ) ବାରବାଟୀ ଦୁର୍ଗ ଉତ୍କଳର ରାଜାମାନଙ୍କ ପାଇଁ ସର୍ପର ମଣି ଓ ସ୍ୱର୍ଗର ପାରିଜାତ ସଦୃଶ ଥିଲା ।

(ଛ) ବାରବାଟୀ ଦୁର୍ଗ ଓଡ଼ିଶାର ତତ୍କାଳୀନ ରାଜା ଅନଙ୍ଗଭୀମଦେବଙ୍କର ପ୍ରଧାନ କୀର୍ତ୍ତି ।

୬. କେଶରୀ ବଂଶ — ଏକାମ୍ରକାନନ

ନୀଳାଚଳ — ସାଗର

କାଞ୍ଚି — ସାକ୍ଷୀଗୋପାଳ

ମୁକୁନ୍ଦଦେବ — ଶେଷ ହିନ୍ଦୁରାଜା

ଇଂରେଜ — ଲାଲବାଗ୍

୭. ଅନନ୍ତ ଅଟେ ସାଗର—କର୍ମଧାରୟ ସମାସ ।

ସମର ରୂପକ ସାଗର—ରୂପକଧାରୟ ସମାସ ।

ସୈନ୍ୟ ଓ ସାମନ୍ତ—ଦ୍ୱନ୍ଦ୍ୱ ସମାସ ।

ବିଳାସ ପାଇଁ ଭବନ—ଚତୁର୍ଥୀ ତତ୍ପୁରୁଷ ସମାସ ।

ନଅ ତଳର ସମାହାର—ସମାହାର ଦ୍ୱିଗୁ ସମାସ ।

ଚିତ୍ରିତ ଅଟେ ଉପଳ ଯାହାର—ବହୁବ୍ରୀହି ସମାସ ।

ସର୍ପର ମଣି—ଷଷ୍ଠୀ ତତ୍ପୁରୁଷ ସମାସ ।

୮. ପଦ+ଅର୍ପଣ, ନିଃ+ଈକ୍ଷଣ, ଭୁବନ+ଈଶ୍ୱର, ଉତ୍+ନତି, ଗଣ+ଈଶ, ଭୋ+ଅନ, ରଣ+ଉନ୍ମତ୍ତ ।

୯. ପରିଶେଷ, ପ୍ରଶାନ୍ତି, ଅଧିପତି, ଉତ୍କର୍ଷ, ବିଖ୍ୟାତ ।

୧୦. ସାତ୍ତ୍ୱିକ, ମାନସିକ, ସାମାଜିକ, ପାରମ୍ପରିକ, ବାଚନିକ ।

୧୧. ତୁଳନୀୟ, ଅପ୍ରସିଦ୍ଧ, ଅପରିଣତ, ନିମ୍ନସ୍ଥାନ, ଭୀରୁତା, କଷ୍ଟ, କ୍ଷୁଦ୍ର, ସସୀମ ।

୧୨. (କ) ଲେଖାଇଥିଲେ, (ଖ) ଖୋଳାଉଛନ୍ତି, (ଗ) ଲେଖାଇଛନ୍ତି, (ଘ) ରଖାଇଥିଲେ, (ଙ) ଲେଖାନ୍ତି, (ଚ) ଖୋଳାଇଥିଲେ, (ଛ) ହରାଇଲେ, (ଜ) ତୋଳାଇଥିଲେ ।

୧୩. (କ) ନିର୍ମାଣ, (ଖ) ସମାପିତ, (ଗ) ସାଧିତ, (ଘ) ବ୍ୟବହୃତ, (ଙ) ସାଧିତ, (ଚ) ବ୍ୟବହୃତ, (ଛ) ଅଧିକୃତ, (ଜ) ଆବଶ୍ୟକତା, (ଝ) ଅଧିକୃତ, (ଟ) ଅନୁମିତ, (ଠ) ଅନୁଭୂତ, (ଡ) ନିର୍ମିତ ।

୧୪. (କ) ଆଧିକ୍ୟ, ଆଦିମତା, ସୁଦୃଢ଼ତା, ଶରତ ବା ଶରଦ, ଆକୁଳତା, କୌଶଳ, ଉଦ୍ଦେଶ୍ୟ ।
(ଖ) ରାଜକୀୟ, ପ୍ରତାପୀ, ମାନସିକ, ସାମରିକ, ପାର୍ବତ୍ୟ, ଆରଣ୍ୟକ, ଶିଥିଳ ।

୧୫. ରଣୋନ୍ମତ୍ତ, କ୍ଷେତ୍ରାକାର, ଚିରଚରିତ, ମେଘାଚ୍ଛନ୍ନ, ସ୍ଥାନାନ୍ତରିତ, ମନୋହର, ଜଗନ୍ନାଥ ।

## ୮.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ପ୍ରଦାନ କରନ୍ତୁ ।

(କ) ରାଜାଙ୍କ ବିଶ୍ରାମ କକ୍ଷ ବାରବାଟୀ ଦୁର୍ଗର କେଉଁ ମହଲାରେ ନିର୍ଦ୍ଧାରିତ ହୋଇଥିଲା ?

(ଖ) ବାରବାଟୀ ଦୁର୍ଗ ଚାରି ପାଖରେ ଥିବା ପରିଖାର ପ୍ରସ୍ଥ କେତେ ଥିଲା ?

(ଗ) ବାରବାଟୀ ଦୁର୍ଗ ମଧ୍ୟରେ ଥିବା ମନ୍ଦିରରେ କେଉଁ ଦେବତାଙ୍କର ପୂଜା କରାଯାଉଥିଲା ?

(ଘ) କେଉଁମାନେ ବାରବାଟୀ ଦୁର୍ଗର ଧ୍ୱଂସ ସାଧନ କରିଥିବା ଅନୁମିତ ହୁଏ ?

(ଙ) ବାରବାଟୀ ଦୁର୍ଗରେ ଥିବା ପ୍ରସ୍ତର ସବୁ କେଉଁଠି ବ୍ୟବହୃତ ହୋଇଥିବାର ଜଣାପଡ଼େ ?

(ଚ) ନବତଳ ପ୍ରାସାଦରେ ଯାତାୟାତ ପାଇଁ ସୋପାନର ସାହାଯ୍ୟ ନିଆଯାଉଥିଲା କି ଉତ୍ତୋଳକ ଯନ୍ତ୍ର (ଲିଫ୍‌ଟ)ର ?

(ଛ) ବାରବାଟୀ ଦୁର୍ଗ ପାର୍ଶ୍ୱରେ କେଉଁ ନଦୀ ପ୍ରବାହିତ ହେଉଅଛି ?

୨. ନିମ୍ନଲିଖିତ ଶବ୍ଦ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ରଚନା କରନ୍ତୁ—

ପ୍ରୟୋଜନ, ଟେକ, ପୃଥକ୍, ଚତୁର୍ଦ୍ଦିଗ, ସୁଗଭୀର, ସୁପ୍ରଶସ୍ତ, ଅବଲୋକନ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖନ୍ତୁ—

ଶିଳ୍ପକଳା, ବହିଃଶତ୍ରୁ, ସ୍ୱୀୟ, ତଦାନୀନ୍ତନ, ଅନ୍ତର୍ଭୁକ୍ତ, ସଙ୍ଘଟିତ, ପରିଖା, ଅବଲୋକନ, ନିର୍ଣ୍ଣୟ, ପ୍ରତିଷ୍ଠିତ, ଶୀର୍ଷ, ପଶ୍ଚାଦ୍‌ଭାଗରେ, ତନ୍ମଧ୍ୟରେ ।

୪. ସଂକ୍ଷେପରେ ପ୍ରକାଶ କରନ୍ତୁ—

ସର୍ପରମଣି, ଆଶ୍ରୟ ପାଇଁ ସ୍ଥଳ, ବାରବାଟୀ ନାମକ ଦୁର୍ଗ, ହସ୍ତକୁଗତ, ଇନ୍ଦ୍ରଧାମରଲୀଳା, ଦୃଷ୍ଟିକୁ ଗୋଚର, ସାକ୍ଷୀ ହୋଇଥିବା ଗୋପାଳ ।

୫. ନିମ୍ନଲିଖିତ ଶବ୍ଦଗୁଡିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ଦୁର୍ବଳ, ଭୀରୁ, ଅନ୍ତଃପୁର, ପ୍ରକୃତ, ଲୁପ୍ତ, ସମ୍ମୁଖ ।

୬ ନିମ୍ନଲିଖିତ ଶବ୍ଦଗୁଡିକର [illegible]—

ବିଦ୍ରୋହାଚରଣ, ଯୁଦ୍ଧୋପକରଣ କଥୋପକଥନ, ଭଗ୍ନାବଶେଷ, ସୂର୍ଯ୍ୟାଲୋକ, ଏକାମ୍ର, ରଣୋନ୍ମତ୍ତ, ମରଣୋତ୍ତର, ଗରୁଡ଼ାସନ ।

୭. ପାଠ ମଧ୍ୟରୁ ଚାରିଗୋଟି ପଦ ବାଛି ସେଗୁଡିକର ବ୍ୟାସବାକ୍ୟ ସହ ସମାସ ଚିହ୍ନାଇ ଦିଅନ୍ତୁ ।

୮. ପାଠରୁ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କରନ୍ତୁ—

(କ) — ଓ — ଉଭୟ 'କଟକ ବାରାଣସୀ' ନାମରେ ଅଭିହିତ ଥିଲା ।

(ଖ) ରାଜା ପୁରୁଷୋତ୍ତମଦେବ କାଞ୍ଚି ଜୟକରି ସେଠାରୁ — ଙ୍କୁ ଆଣି — ମଧ୍ୟରେ ରଖିଥିଲେ ।

(ଗ) ଅନଙ୍ଗଭୀମଦେବ ତାଙ୍କ ରାଜତ୍ୱର ପ୍ରଥମାର୍ଦ୍ଧରେ — ରେ ବାସ କରୁଥିଲେ ।

(ଘ) ଓଡ଼ିଶାର ଶେଷ ହିନ୍ଦୁ ରାଜା ଥିଲେ — ।

(ଙ) — ଖ୍ରୀଷ୍ଟାବ୍ଦରେ — ବାଟ ଦେଇ ଆକ୍ରମଣ କରି ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କଲେ ।